


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net


email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୪ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 August 2026
Vol.No. 36 ■ No.213 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଡିଜିପି ଚୟନରେ ରୋକ୍ ଲଗାଇଲେ ସୁପ୍ରିମ୍‌କୋର୍ଟ: ୧୮ରେ ପରବର୍ତ୍ତୀ ଶୁଣାଣି



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୮ (ନି.ପ୍ର): ଓଡ଼ିଶାର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାରେ ଆଜି ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସସି ଆଜି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ଆଜି ସନ୍ଧ୍ୟା ସାଢ଼େ ୫ଟାରେ ୟୁପିଏସସିରେ ହେବାକୁ ଥିବା ବୈଠକ ମଧ ବାତିଲ ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ଆଜି ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଆଜି ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବ(ଆଇଟମ ନମ୍ବର-୨୬)ରୁ ଶୁଣାଣି ସମ୍ଭବପର ହେବନି। ଚୂଡ଼ାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟଙ୍କ ଶୁଣାଣି ଏଡ଼ାଇବା ଓ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ସର୍ଭିସ ରିଲେଟେଡ୍ (ଚାକିରି ସହ ଜଡ଼ିତ) ବିବାଦରେ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧରେ ନୂଆ ଡିଜି ନିଯୁକ୍ତି ନହେଲେ ରାଜ୍ୟକୁ କାର୍ଯ୍ୟକାରୀ ଡିଜିପିଙ୍କ କାର୍ଯ୍ୟ ଚଳାଇବାକୁ ପଡ଼ିବ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ। ଏସବୁ ଶୁଣିବା ପରେ ଖଣ୍ଡପୀଠ ମଧ କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଙ୍ଘନ କରିଥିବା ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସସି ନିଜର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡ଼ାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସସି ପ୍ରତିଶ୍ରୁତି ଦେଇଛନ୍ତି। ◆◆ପୃଷ୍ଠା ୭

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଶ୍ରୀମନ୍ଦିରରେ ନାହାଁନ୍ତି ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର, ୧୩/୮ (ନି.ପ୍ର): ସରକାର ବଦଳିଲା ନୂଆ ସରକାର ଶାସନକୁ ଆସିବାର ୨୬ମାସ ବିତିଲାଣି। ହେଲେ ଶ୍ରୀମନ୍ଦିର ସଂସ୍କାର ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ୦୪ ନଭେମ୍ବର ୨୦୧୯ରେ ଶ୍ରୀମନ୍ଦିର କାର୍ଯ୍ୟର ତଦାରଖ ଲାଗି ଜଣେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସର୍ବୋଚ୍ଚ ନ୍ୟାୟାଳୟ। ସୁପ୍ରିମକୋର୍ଟ ସିଧା ସିଧା ନା କରିବାର ସାଢେ ୭ବର୍ଷ ପରେ ବି ସରକାର ନିଧଡକ ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦବି ସଂକ୍ରାନ୍ତ ଏ କଡ଼ା ନିର୍ଦ୍ଦେଶକୁ ଏଡ଼ାଇ ଚାଲିଛନ୍ତି। ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ଦେବା ପରିବର୍ତ୍ତେ ଏବେ ବି କା ' ରେ ନିଯୁକ୍ତି ପାଇଛନ୍ତି ମୁଖ୍ୟ ପ୍ରଶାସକ। ରାଜସ୍ୱ ବିଭାଗ ସହିତ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି ଅରବିନ୍ଦ ପାଢ଼ୀ। କେବଳ ପୂର୍ଣ୍ଣକାଳୀନ ପ୍ରଶାସକ ନୁହେଁ ଶ୍ରୀମନ୍ଦିରରେ ସଂସ୍କାର ପାଇଁ ସୁପ୍ରିମକୋର୍ଟଙ୍କ ଅନେକ ବଡ଼ ନିର୍ଦ୍ଦେଶନାମାର ବି ଅନୁପାଳନ ହେଉନାହିଁ। ଧାଡ଼ି ଦର୍ଶନ କାର୍ଯ୍ୟକାରୀ ନିଷ୍ପତ୍ତି ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଶ୍ରୀମନ୍ଦିର ଭିତରେ ସମାନ୍ତରାଳ ଦର୍ଶନ ପାଇଁ ରାମ୍ପ୍ ବ୍ୟବସ୍ଥା ଝୁଲି ରହିଛି। ମହାପ୍ରଭୁଙ୍କ ହୁଣ୍ଡି ସ୍ଥାନାନ୍ତର, ଶୃଙ୍ଖଳିତ ଦର୍ଶନ, ମୋବାଇଲ୍ ଏବଂ ତମାଖୁ ନିଷେଧ ଆଦି ନିର୍ଦ୍ଦେଶକୁ ସତେ ଯେପରି ସରକାର ପାଶୋରି ଯାଇଛନ୍ତି। ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଆଇନମନ୍ତ୍ରୀ କିନ୍ତୁ ଏତେ ବଡ଼ ପ୍ରସଙ୍ଗର ଉତ୍ତର ଚିରାଚରିତ ଢ଼ଙ୍ଗରେ ରଖିଛନ୍ତି। କହିଛନ୍ତି ମହାପ୍ରଭୁଙ୍କ କାମ ଠିକ୍? ସମୟରେ ହେବ। ଶ୍ରୀମନ୍ଦିର ସଂସ୍କାର ମାମଲାରେ ମୃଣାଳିନୀ ପାଢ଼ୀଙ୍କ ଅଭିଯୋଗକୁ ସୁପ୍ରିମକୋର୍ଟ ଗୁରୁତ୍ୱର ସହିତ ନେଇଥିଲେ। ସେବେ ଏ ମାମଲା ପୂରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ବି ଶ୍ରୀମନ୍ଦିରରେ ଦର୍ଶନ ପ୍ରକ୍ରିୟାକୁ ନେଇ ଭକ୍ତ ଅସନ୍ତୁଷ୍ଟ ଥିବା ବେଳେ ସରକାରଙ୍କ କାଳକ୍ଷେପଣ ନୀତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ କେବଳ ବିରୋଧାଚରଣ କରୁନି, ବରଂ ଶ୍ରୀଜଗନ୍ନାଥ ପ୍ରେମୀଙ୍କୁ ଭୀଷଣ ଅସନ୍ତୁଷ୍ଟ କଲାଣି।

## ସାପ କାମୁଡ଼ା ମୃତ୍ୟୁ ମୁକାବିଲାରେ ସରକାର ସଫଳ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୩/୮ (ନି.ପ୍ର): ସାପ କାମୁଡା ମୃତ୍ୟୁ ମୁକାବିଲା କରିବାରେ ସରକାର ସଫଳ ହୋଇଛନ୍ତି। ବିଶେଷ କରି ଚଳିତ ବନ୍ୟା ସମୟରେ ସାପ କାମୁଡା ମୃତ୍ୟୁକୁ ନେଇ ସଫଳ ମୁକାବିଲା କରାଯାଇଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଚଳିତ ବନ୍ୟାରେ ୯୨ଟି ସାପ କାମୁଡା ଘଟଣା ଘଟିଥିଲେ ମଧ୍ୟ କେହି ମୃତାହାତ ହୋଇ ନାହାନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ଆଂଟି ଭେନମକୁ ମହଜୁଦ ସହ ଡାକ୍ତରଙ୍କୁ ନିୟୋଜନ କରାଯାଇଥିଲା।

## ସାଳନ୍ଦୀ ପାଇଁ ସତର୍କ ରହିବାକୁ ପଡ଼ିବ: ଇସିଆଇ

ଭୁବନେଶ୍ୱର, ୧୩/୮ (ନି.ପ୍ର): ଚଳିତ ଲଘୁଚାପର ପ୍ରଭାବ ନେଇ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇ କହିଛନ୍ତି ଯେ ଆମକୁ ବିଶେଷକରି ସାଳନ୍ଦୀ ପାଇଁ ସତର୍କ ରହିବାକୁ ପଡ଼ିବ। ବ୍ରାହ୍ମଣୀ ନଦୀରେ ବନ୍ୟା ହେବାର ସମ୍ଭାବନା ନାହିଁ ତଥାପି ପ୍ରଭାବିତ ହେବ। ସେହିପରି ବୈତରଣୀ ନଦୀରେ ପାଣି ବଢ଼ିବ, ମାତ୍ର ବନ୍ୟା ହେବନି। ଅନ୍ୟପଟେ ବୁଢ଼ାବଳଙ୍ଗରେ ଜଳସ୍ତର ବଢୁଛି, ସତର୍କ ସଂକେତ ଛୁଇଁପାରେ। ମହାନଦୀରେ ବନ୍ୟା ହେବାର ସମ୍ଭାବନା ନାହିଁ ବୋଲି ସୂଚନାଦେଇଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ।

## ଲଗାଣ ବର୍ଷାରେ ଉତ୍ତର ଓଡ଼ିଶା ଜଳମଗ୍ନ: ବାଲେଶ୍ୱର-ମୟୂରଭଞ୍ଜରେ ଜଳବନ୍ଦୀ ଜୀବନ



ବାଲେଶ୍ୱର/ମୟୂରଭଂଜ, ୧୩/୮ (ନି.ପ୍ର): ନା ଜଳ କମୁଛି, ନା ଜଳଯନ୍ତ୍ରଣା । ଲାଗୁଛି ଯେମିତି ଉତ୍ତର ଓଡ଼ିଶା ଉପରେ କୋପ କରିଛନ୍ତି ଇନ୍ଦ୍ର ଦେବତା । ଗୋଟିଏ ନ ଯାଉଣୁ ଆସୁଛି ଆଉ ଏକ ଲଘୁଚାପ । ପ୍ରବଳ ବର୍ଷା ପରେ ମୟୂରଭଞ୍ଜ, ବାଲେଶ୍ୱର ଓ ବସ୍ତା ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ, ଶହ ଶହ ପରିବାର ବିତାଉଛନ୍ତି ଜଳବନ୍ଦୀ ଜୀବନ । ସେପଟେ ସୁନ୍ଦରଗଡ଼ର କୋଇଡ଼ା ଖଣି ଅଞ୍ଚଳରେ ବି ପାହାଡ଼ରୁ ନାଳିପାଣି ଆସି ଘର ଭିତରେ ପଶିଛି ।ଗାଁରେ ପାଣି,ସହରରେ ପାଣି, ବାହାରେ ପାଣି, ଘର ଭିତରେ ପାଣି । ରୋଷେଇ ଘରେ, ଡ୍ରଇଂ ରୁମରେ, ବେଡ୍ ରୁମରେ, ଚାରିଆଡ଼େ ଖାଲି ପାଣି ଆଉ ପାଣି । କେଉଁଠି ରାସ୍ତାରେ ଗାଡ଼ି ବୁଡୁଛି, କେଉଁଠି ଘର ଭିତରେ ଗୋଡ଼ ବୁଡୁଛି । ଏସବୁ ଦୃଶ୍ୟ ବାଲେଶ୍ୱର ଓ ବସ୍ତା ଅଞ୍ଚଳର । ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ପରେ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି ଜଳବନ୍ଦୀ ସ୍ଥିତି । ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି । ଠପ୍ ପଡ଼ିଯାଇଛି ଜଳ ନିଷ୍କାସନ ବ୍ୟବସ୍ଥା । ଘର ଭିତରେ ପାଣି ପଶିବା ପରେ ଲୋକେ ଯାଇ ହୋଟେଲରେ ଆଶ୍ରୟ ନେଉଛନ୍ତି। ଆସବାବପତ୍ର, ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହ ବାରମ୍ବାର ଦିନ ଦିନ ଧରି ଜଳବନ୍ଦୀ ରହିବା ଯୋଗୁ ଲୋକଙ୍କ ଆର୍ଥିକ ଓ ମାନସିକ ସ୍ଥିତି ଉପରେ ପ୍ରଭାବ ପଡୁଛି । କେବଳ ସହର ନୁହେଁ, ବସ୍ତା ବ୍ଲକ୍ ବ୍ରାହ୍ମଣଦା ପଞ୍ଚାୟତର ବ୍ରାହ୍ମଣଦା, ମୁଳିଦା, ପଥୁରିଆ, ହଳଦିଆପଡ଼ା, କୁଣ୍ଡପୁର ଆଦି ଗାଁରେ ବି ପାଣି ଜମି ରହିଛି । ଦରଡ଼ା ପଞ୍ଚାୟତ ମନ୍ଦ୍ରଡ଼ା ଗାଁରେ ପଳପଳା ନଦୀର ପାଣି ପଶିଛି । ମୟୂରଭଞ୍ଜ ଜିଲ୍ଲା ବାରିପଦା, ◆◆ପୃଷ୍ଠା ୭

## ୬୦୦ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ

ନୂଆଦିଲ୍ଲୀ,୧୩/୮ : ଝାଡ଼ଖଣ୍ଡର ରାଞ୍ଚିରେ ବିଧାନସଭା ଅଭିମୁଖେ ଶୋଭାଯାତ୍ରା କରିବା ମାମଲାରେ ପୁଲିସ ୬୦୦ ଆନ୍ଦୋଳନକାରୀଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରିଛି। ଏହି ମାମଲାରେ ୧୦୦ ଜଣ ଆନ୍ଦୋଳନକାରୀଙ୍କ ନାମ ଉଲ୍ଲେଖ କରାଯାଇଥିବା ବେଳେ ୫୦୦ ଜଣ ଅଜ୍ଞାତ ଛାତ୍ର ଓ ଅନ୍ୟ ଆନ୍ଦୋଳନକାରୀଙ୍କ ବିରୋଧରେ ମଧ ମାମଲା ଦାୟର ହୋଇଛି। ଝାଡ଼ଖଣ୍ଡ ନିଯୁକ୍ତି ପରୀକ୍ଷାଗୁଡ଼ିକରେ ହୋଇଥିବା ଅନିୟମିତତାକୁ ନେଇ ଛାତ୍ରମାନଙ୍କ ଦ୍ୱାରା ଜାରି ରହିଥିବା ଆନ୍ଦୋଳନ ଆଜି ୨୦ତମ ଦିବସରେ ପ୍ରବେଶ କରିଛି ଏବଂ ଆନ୍ଦୋଳନକାରୀମାନେ ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପ୍ରତିବାଦ ପ୍ରତ୍ୟାହାର କରିବାକୁ ମନା କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, 'ଜେପିଏସସି-ଜେଏସ୍‌ଏସ୍‌ସି ସଂସ୍କାର ମଞ୍ଚ' ପକ୍ଷରୁ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ନିଯୁକ୍ତି ପରୀକ୍ଷାରେ ଅଧିକ ସ୍ୱଚ୍ଛତା ଆଣିବା, କେତେକ ପରୀକ୍ଷାକୁ ବାତିଲ କରିବା ଏବଂ ସିବିଆଇ ଦ୍ୱାରା ଏକ ନିରପେକ୍ଷ ତଦନ୍ତ କରାଯିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ସୋମବାର ଆନ୍ଦୋଳନକାରୀମାନେ ବିଧାନସଭା ଅଭିମୁଖେ ଶୋଭାଯାତ୍ରା କରୁଥିବା ସମୟରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା, ◆◆ପୃଷ୍ଠା ୭

## ଶେଷ ହେଲା ସଂସଦର ମୌସୁମୀ ଅଧିବେଶନ

### ଆଲୋଚନା ବିନା ଗୃହୀତ ହେଲା ଅଧିକାଂଶ ବିଲ୍




ନୂଆଦିଲ୍ଲୀ,୧୩/୮ : ହଟ୍ଟଗୋଳ, ନାରାବାଜି ଓ ସରକାର-ବିରୋଧୀ ଟଣାଓଟରା ମଧରେ ଗୁରୁବାର ସଂସଦର ମୌସୁମୀ ଅଧିବେଶନ ଶେଷ ହୋଇଛି। ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି। ଜୁଲାଇ ୨୦ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନରେ ବିରୋଧୀ ଦଳର ଲଗାତାର ପ୍ରତିବାଦ ଯୋଗୁଁ ଅଧିକାଂଶ ସମୟ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୁରୁବାର ସକାଳେ ଲୋକସଭା ବସିବା ପରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଗୃହକୁ ଆସିବା ମାତ୍ରେ ବିରୋଧୀ ସାଂସଦମାନେ ନାରାବାଜି ଆରମ୍ଭ କରିଥିଲେ। ଛାତ୍ରଙ୍କ ବିରୋଧରେ ଦିଲ୍ଲୀରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସେମାନେ ଅମିତ ଶାହଙ୍କ ବିବୃତି ଓ ତାଙ୍କ ଇସ୍ତଫା ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହରେ ପହଞ୍ଚିବା ପରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ଗାନ କରାଯାଇଥିଲା। ଏହା ପରେ ବାଚସ୍ପତି ଓମ୍ ବିର୍ଲା ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରିଥିଲେ। ଏଥର ଲୋକସଭାରେ ୧୧ଟି ବିଲ୍ ପାରିତ ହୋଇଥିଲା। କିନ୍ତୁ ପେପର ଲିକ୍ ରୋକିବା ସମ୍ପର୍କିତ ବିଲ୍‌କୁ ଛାଡ଼ିଦେଲେ ଅନ୍ୟ ବିଲ୍‌ଗୁଡ଼ିକ ହଟ୍ଟଗୋଳ ମଧରେ ଆଲୋଚନା ବିନା ପାରିତ ହୋଇଥିଲା। ପେପର ଲିକ୍ ଉପରେ ଲୋକସଭାରେ ପ୍ରାୟ ୧୧ ଘଣ୍ଟା ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ ସମ୍ମାନର ଅପମାନ ରୋକିବା ସଂଶୋଧନ ବିଲ୍ ୧୪ ମିନିଟ୍, ଜନ୍ମ-ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍ ୪ ମିନିଟ୍, ◆◆ପୃଷ୍ଠା ୭

## ୨୬୬ ଦିନ ସମୁଦ୍ରରେ ଆମେରିକୀୟ ସୈନିକ: ମାନସିକ ଚାପରେ ବଢୁଛି ସଙ୍କଟ



ନୂଆଦିଲ୍ଲୀ,୧୩/୮ : ଇରାନକୁ ନେଇ ଆମେରିକାର ଦୀର୍ଘ ସାମରିକ ମୁତୟନ ଏବେ ନୂଆ ଚିନ୍ତା ସୃଷ୍ଟି କରିଛି । ଆମେରିକୀୟ ଯୁଦ୍ଧଜାହାଜ ୟୁଏସଏସ୍ ଆବ୍ରାହମ ଲିଙ୍କନରେ ମୁତୟନ ସୈନିକମାନେ ଦୀର୍ଘ ସମୟ ଧରି ସମୁଦ୍ରରେ ରହିବାରୁ ମାନସିକ ଚାପର ସମ୍ମୁଖୀନ ହେଉଥିବା ଦାବି ହୋଇଛି । କିଛି ସୈନିକ ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ମଧ ରିପୋର୍ଟରେ ଦାବି କରାଯାଇଛି । ରିପୋର୍ଟ ଅନୁସାରେ, ପ୍ରାୟ ୫ ହଜାର ସୈନିକ ଥିବା ଏହି ଯୁଦ୍ଧଜାହାଜ ଲଗାତାର ୨୬୬ ଦିନରୁ ଅଧିକ ସମୟ ସମୁଦ୍ରରେ ରହିଛି । ଏତେ ଦୀର୍ଘ ସମୟ ଧରି ସ୍ଥଳଭାଗଠାରୁ ଦୂରେ ରହିବା ସୈନିକ ଏବଂ ସେମାନଙ୍କ ପରିବାର ପାଇଁ ଚିନ୍ତାର କାରଣ ପାଲଟିଛି । ଗତ ଗୁରୁବାର ସାନ୍ ଡିଏଗୋରେ ପ୍ରାୟ ୨୦୦ ସୈନିକଙ୍କ ପରିବାର ସଦସ୍ୟ ନୌସେନାର ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ । ସେମାନେ ଜାହାଜରେ ଥିବା ସୈନିକଙ୍କ ମାନସିକ ସ୍ଥିତି ଏବଂ ଦୀର୍ଘ ମୁତୟନକୁ ◆◆ପୃଷ୍ଠା ୭

## ୫୮ରୁ ମାତ୍ର ଗୋଟିଏ ଶୀତଳ ଭଣ୍ଡାର: ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ୍



ଭୁବନେଶ୍ୱର, ୧୩/୮ (ନି.ପ୍ର): ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣକୁ ନେଇ ସରକାରୀ ଘୋଷଣା ଓ ଭୂମିସ୍ତରର ସ୍ଥିତି ମଧରେ ଥିବା ଭିନ୍ନତା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଭାଗୀୟ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେ.ଭି. ସିଂଦେଓ ଅଧିକାରୀଙ୍କ ଉପରେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରି କଡ଼ା ତାଗିଦ୍ କରିଛନ୍ତି। ୫୮ଟି ଶୀତଳ ଭଣ୍ଡାର ଘୋଷଣା ହୋଇଥିଲେ ମଧ ମାତ୍ର ଗୋଟିଏ ନିର୍ମାଣ ହୋଇଥିବାରୁ ସେ ପ୍ରଶ୍ନ କରିଥିଲେ "ବାକି ୫୭ଟି କୁଆଡ଼େ ଗଲା ?" ମନ୍ତ୍ରୀଙ୍କ କହିବା ଅନୁଯାୟୀ, ସରକାର ବିଭିନ୍ନ ଯୋଜନା ପାଇଁ ବଜେଟ୍ ବଢ଼ାଉଥିବା ସତ୍ତ୍ୱେ ଅନେକ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ ହେଉନାହିଁ। କୃଷି ବିଭାଗର ବଜେଟ୍ ୭ ହଜାର କୋଟିରୁ ୧୫ ହଜାର କୋଟି ଟଙ୍କାକୁ ବଢ଼ାଯାଇଛି, କିନ୍ତୁ ତାହାର ପ୍ରଭାବ ଭୂମିସ୍ତରରେ ଦେଖାଯାଉନଥିବାରୁ ସେ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କୁ ଅନ୍ଧାରରେ ନରଖି ସଠିକ୍ ରିପୋର୍ଟ ଦେବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି ।ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ କନକ ନ୍ୟୁଜ୍ ବିଭିନ୍ନ ଜିଲ୍ଲାରେ ସ୍ଥିତି ଅନୁଧାନ କରିଥିଲା। ସମ୍ବଲପୁର, ସୁନ୍ଦରଗଡ଼, କୋରାପୁଟ ଓ କେନ୍ଦ୍ରାପଡ଼ାରେ ଅଧିକାଂଶ ଶୀତଳ ଭଣ୍ଡାର ଅଚଳ ଥିବା ଜଣାପଡ଼ିଛି। ନୂଆ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଘୋଷଣା ହୋଇଥିଲେ ମଧ ଅନେକ ଜିଲ୍ଲାରେ ସ୍ଥାନ ଚୟନ ପର୍ଯ୍ୟନ୍ତ ହୋଇନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କୁଚିଣ୍ଡା ଓ କେନ୍ଦ୍ରାପଡ଼ାର ଚାଷୀମାନେ ଅଭିଯୋଗ କରିଛନ୍ତି ଯେ ଶୀତଳ ଭଣ୍ଡାର ନଥିବାରୁ ଫସଲ ସଂରକ୍ଷଣ କରିପାରୁ ନଥିବାରୁ ସେମାନେ କ୍ଷତି ସହୁଛନ୍ତି। ଠିକ୍ ସମୟରେ ବଜାରକୁ ପଠାଇପାରୁନଥିବାରୁ ଚାଷୀମାନେ ନ୍ୟାୟସଂଗତ ଦରରୁ ବଞ୍ଚିତ ହେଉଛନ୍ତି ।ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ମୋଟ ୧୩୩ଟି ଶୀତଳ ଭଣ୍ଡାର ଥିବାବେଳେ ମାତ୍ର ୩୫ଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି। ସେଥିରୁ ୩୩ଟି ବେସରକାରୀ ଓ ୨ଟି ସରକାରୀ ଭାବେ ଚାଲିଛି। ଏହି ପରିସ୍ଥିତିରେ ନୂଆ ଶୀତଳ ଭଣ୍ଡାର ନିର୍ମାଣକୁ ସରକାର ଗୁରୁତ୍ୱ ଦେଇଥିଲେ ମଧ ଭୂମିସ୍ତରରେ ତାହାର ଗତି ନେଇ ଏବେ ପ୍ରଶ୍ନ ଉଠିଛି। ଉପମୁଖ୍ୟମନ୍ତ୍ରୀଙ୍କ କଡ଼ା ତାଗିଦ୍ ପରେ ଏହି ଶୀତଳ ଭଣ୍ଡାରଗୁଡ଼ିକର ନିର୍ମାଣ କାମ କେବେ ଆରମ୍ଭ ହେବ ଓ ଚାଷୀମାନେ କେବେ ଏହାର ସୁବିଧା ପାଇବେ, ତାହା ଏବେ ଦେଖିବାକୁ ବାକି ରହିଲା।

# କ୍ୟାନସରରେ ଆକ୍ରାନ୍ତ କାଳିଆ: ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ମାଲକାନଗିରି,୧୩/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମ୍ମା ଅଞ୍ଚଳର ୪୦ ବର୍ଷୀୟ ଯୁବକ କାଳିଆ ଡାକୁଆ ବର୍ତମାନ କ୍ୟାନ୍ସର ଭଳି ଏକ ଗୁରୁତର ରୋଗ ସହ ସଂଘର୍ଷ କରୁଛନ୍ତି । ସେ ବର୍ତ୍ତମାନ ବିଶାଖାପାଟଣାସ୍ଥିତ ମହାତ୍ମା ଗାନ୍ଧୀ କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଡାକ୍ତରମାନଙ୍କ ପରାମର୍ଶ ଅନୁଯାୟୀ ତାଙ୍କ ଚିକିତ୍ସା ଦୀର୍ଘ ସମୟ ଧରି ଚାଲିପାରେ ଏବଂ ଏଥିପାଇଁ ବହୁ ଅର୍ଥ ର ଆବଶ୍ୟକତା ରହିଛି । ପରିବାରର ସୂଚନା ଅନୁସାରେ, କାଳିଆ ଡାକୁଆ ହେଉଛନ୍ତି ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କ ଅସୁସ୍ଥତା ପରେ ପରିବାରର ଆୟର ମୁଖ୍ୟ ଉତ୍ସ ବନ୍ଦ ହୋଇଯାଇଛି। ଦିନକୁ ଦିନ ଚିକିତ୍ସା ଖର୍ଚ୍ଚ ବଢୁଥିବା ବେଳେ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି । କାଳିଆ ଡାକୁଆଙ୍କ ପରିବାରରେ ଜଣେ ବୃଦ୍ଧା ମା, ସ୍ତ୍ରୀ, ଜଣେ ବିକଳାଙ୍ଗ ସଦସ୍ୟ, ଜଣେ ପୁଅ ଏବଂ ଜଣେ ଝିଅ ରହିଛନ୍ତି । ପରିବାରର ସମସ୍ତ ଦାୟିତ୍ୱ ଏବେ ଅନିଶ୍ଚିତତାରେ ରହିଛି। ଚିକିତ୍ସା ସହିତ ପିଲାମାନଙ୍କ ପାଠପଢା , ବୃଦ୍ଧା ମା'ଙ୍କ ଦେଖାଶୁଣା ଓ ଘରର ଦୈନନ୍ଦିନ ଖର୍ଚ୍ଚ ବହନ କରିବା ପରିବାର ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ଚିକିତ୍ସା ପାଇଁ ବାରମ୍ବାର ବିଶାଖାପାଟଣା ଯିବାକୁ ପଡୁଛି , ଔଷଧ, ବିଭିନ୍ନ ପରୀକ୍ଷା, ହସ୍ପିଟାଲ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ପରିବାରର ସାମର୍ଥ୍ୟର ବାହାରକୁ ଚାଲିଯାଇଛି। ଆର୍ଥିକ ଅଭାବ କାରଣରୁ ଚିକିତ୍ସାରେ ବାଧା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି । ପରିବାର ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ଜନପ୍ରତିନିଧ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ ଅନୁଷ୍ଠାନ, ସହୃଦୟ ବ୍ୟକ୍ତିମାନଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି । ପରିବାରର କହିବା ଅନୁଯାୟୀ, ସମସ୍ତଙ୍କ ସହଯୋଗ ମିଳିଲେ ଚିକିତ୍ସା ସୂଚାରୁ ଭାବେ ଚାଲିପାରିବ ଏବଂ କାଳିଆ ଡାକୁଆଙ୍କ ଜୀବନ ବଞ୍ଚିବାର ଆଶା ଆହୁରି ବଢ଼ିବ। ସ୍ଥାନୀୟ ଅଞ୍ଚଳବାସୀମାନେ ମଧ୍ୟ କହିଛନ୍ତି ଯେ କାଳିଆ ଜଣେ ପରିଶ୍ରମୀ, ସରଳ ଓ ସମାଜପ୍ରିୟ ବ୍ୟକ୍ତି ଓ ଆଜି ସେ ଏକ କଠିନ ପରିସ୍ଥିତିରେ ଥିବାରୁ ସମାଜର ପ୍ରତ୍ୟେକ ସହୃଦୟ ବ୍ୟକ୍ତିଙ୍କ ସହଯୋଗ ତାଙ୍କ ପରିବାର ପାଇଁ ବଡ଼ ଆଶ୍ୱାସନା ହୋଇପାରିବ । ତାଙ୍କ ପରିବାର ସମସ୍ତଙ୍କୁ ନିବେଦନ କରିଛି ଯେ, ସାମର୍ଥ୍ୟ ଅନୁଯାୟୀ ଛୋଟ କିମ୍ବା ବଡ଼ ଯେକୌଣସି ସହଯୋଗ ଚିକିତ୍ସାରେ ସହାୟକ ହେବ । ମାନବିକତାର ଦୃଷ୍ଟିରୁ ଆଗକୁ ଆସି ସହଯୋଗର ହାତ ବଢ଼ାଇବାକୁ ସେମାନେ ଅନୁରୋଧ କରିଛନ୍ତି । ସହାୟତା ପାଇଁ ଫୋନ ପେ / ଗୁଗୁଲ ପେ /ପେଟିଏମ୍ ଓ ଯୋଗାଯୋଗ ନମ୍ବର ୯୭୭୭୮୦୦୭୫୮ରେ କରିବାକୁ ଅନୁରୋଧ କରିଛନ୍ତି ।

## ଅଜଣା ବୃଦ୍ଧାଙ୍କ ଶବ ଉଦ୍ଧାର

ଜୟପୁର,୧୩/୦୮ (ନି.ପ୍ର): ଜୟପୁର ଜଗନ୍ନାଥ ସାଗରରେ ଜଣେ ବୃଦ୍ଧାଙ୍କ ଶବ ଉଦ୍ଧାର ହୋଇଛି । ମୃତ ବୃଦ୍ଧା ଜଣକ ହେଲେ ଲିଙ୍ଗରାଜ ନଗରର ପାବିତ ଜନାଦେଓ (୭୫) । ଆଜି ସକାଳୁ ବୃଦ୍ଧାଙ୍କ ଶବ ଜଗନ୍ନାଥ ସାଗରରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗ ଓ ଟାଉନ ପୋଲିସକୁ ସୂଚନା ଦେଇଥିଲେ । ଅଗ୍ନିଶମ ବାହିନି ଓ ପୋଲିସ ଭାସୁ ଥିବା ଶବକୁ ସାଗରରୁ ଉଦ୍ଧାର କରିଥିଲେ । ମୃତକ ଜଣକ ଓକିଲ ସଂଘର ସଭାପତି ଆଇନଜୀବି ବିଜୟ ରାୟ ଜେନା ଦେଓ ମା ବୋଲି ଜଣାଯାଇଛି । ରାତ୍ର ୧ ଘଂଟା ସମୟରୁ ଘରୁ ବାହାରି ଥିବା ସିସି କ୍ୟାମେରାରୁ ଜଣାପଡିଛି । ସେ ସାଗରରେ ଆତ୍ମ ହତ୍ୟା କରିଛନ୍ତି । ଅଗ୍ନିଶମ ବାହିନି ଶବକୁ ବ୍ୟବଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରିବାର ଲୋକେ ଚିକିତ୍ସାଳୟକୁ ଯାଇ ଶବକୁ ଚିହ୍ନଟ କରିଥିଲେ । ଏନେଇ ଜୟପୁର ଟାଉନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ସ୍ନାତକ ବିଜ୍ଞାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଆଲୋଚନା ଚକ୍ର ଅନୁଷ୍ଠିତ

ଚମ୍ପୁଆ,୧୩/୦୮ (ନି.ପ୍ର): ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆ ଠାରେ ସ୍ନାତକ ବିଜ୍ଞାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ' ଶ୍ରେଣୀ ଗୃହ ଶିକ୍ଷାଦାନ ଠାରୁ ଗବେଷଣା, ଆକାଂକ୍ଷା, ନବୀକରଣ ଓ ରକ୍ଷଣଶୀଳତା' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ତଥା ଆଲୋଚକ ଡକ୍ଟର ଶାଶ୍ୱତ କୁମାର ଦାସ, ମଂଚ ସଂଚାଳକ ହରିଚନ୍ଦନ କର, ଅଧ୍ୟାପକ ଶିକ୍ଷା ବିଭାଗ ଏବଂ ବିଷୟ ସମୀକ୍ଷକ ଡକ୍ଟର ସୁନୀଲ କୁମାର ସାହୁ, ଅଧ୍ୟାପକ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ଦାସ ତାଙ୍କ ଉପସ୍ଥାପନାରେ ପରିବେଶ ପରିଚାଳନା, ଇଞ୍ଜିନିୟରିଂ ସଂପର୍କିତ ଗବେଷଣାର ନିବନ୍ଧକୁ ସ୍ଥାନିତ କରିଥିଲେ । ଛାତ୍ରଛାତ୍ରୀଙ୍କ ସୁଯୋଗ ପାଇଁ ଶିକ୍ଷା ଗ୍ରହଣ ସହିତ ଗବେଷଣା କ୍ଷେତ୍ର ପ୍ରକ୍ରିୟା କାର୍ଯ୍ୟ ଏବଂ ଶିକ୍ଷା ନବୀଶ ପ୍ରଶିକ୍ଷାର୍ଥୀ ହେବାକୁ ଉନ୍ମୁକ୍ତ ମାର୍ଗ ରହିଛି ବୋଲି ସୂଚନା ଦେଇଥିଲେ । ଆଧୁନିକତାର ସ୍ପର୍ଶରେ ବିଶ୍ୱ କେମିତି ବଦଳୁଛି ଏବଂ ଆମକୁ କିପରି ଅଗ୍ରସର ହେବାକୁ ପଡିବ ତାହାର ମାର୍ଗ ସଂପର୍କରେ ଅବତାରଣା କରିଥିଲେ । ଫ୍ରାନ୍ସ ଓ ଜାପାନ ମଡେଲରେ ଶିକ୍ଷା ଲାଭ କରି ନିଜକୁନିଜେ କିପରି ପ୍ରତିଷ୍ଠିତ ହୋଇ ପାରିଛନ୍ତି ସେ ସମ୍ପର୍କରେ ଅବଗତ କରିଥିଲେ । ସଠିକ୍ ସମୟ ଓ ସୁଯୋଗକୁ ହାତଛଡ଼ା ନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅଭିଜ୍ଞତା ଓ ଅନୁଭବ ରହିଲେ ନିଜ ଲକ୍ଷ୍ୟ ପଥ ସୁଗମ ହୋଇ ପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଅଭିଭାଷଣ ପ୍ରସଙ୍ଗରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ସହିତ ସମସ୍ତ ବିଜ୍ଞାନ ଅଧ୍ୟାପକ ଅଧ୍ୟାପିକା ସର୍ବଶ୍ରୀ ଫକୀର ଚରଣ ମାଝି, ଡମ୍ବରୁଧର ସାମଲ, ରାଣା ପ୍ରତାପ ଦାସ, ଉମାକାନ୍ତ ମହାନ୍ତ, ସଞ୍ଜୀବ ପ୍ରଧାନ, ଚିନ୍ମୟୀ ମହାନ୍ତ, ଲିପିକା ପ୍ରଧାନ ଏବଂ ସହାୟକ ଅମିୟ ବୈଦ୍ୟ, ସୌମ୍ୟା ଖିଲାର, ଡିସିଲଭା ପାତ୍ର ତଥା ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲୁଟ୍ ଉଦ୍ୟମରେ ବିଳମ୍ବିତ ରାତିରେ ଜଣଙ୍କୁ ହତ୍ୟା: ଦୁଇ ସନ୍ଦିଗ୍ଧଙ୍କୁ ମାରାଥନ ଜେରା

ସମ୍ବଲପୁର,୧୩/୦୮ (ନି.ପ୍ର): ସମ୍ବଲପୁରରେ ଗତ ମଙ୍ଗଳବାର ପ୍ରାୟ ରାତି ୨ରୁ ୩ଟା ମଧ୍ୟରେ ଟାଉନ୍ ଥାନା ଅନ୍ତର୍ଗତ ଫିସରିବନ୍ଧ ନିକଟରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଲୁଟ୍ ଉଦ୍ୟମରେ ହତ୍ୟା କରାଯାଇଛି। ମୃତକ ଜଣଙ୍କ କ୍ଷେତରାଜପୁର ଅଞ୍ଚଳର ଗୋପାଳ ବଂଶଲ ବୋଲି ଜଣାପଡ଼ିଛି। ଏହି ଘଟଣାର ସୁରାକ୍ ପାଇବା ପରେ ପୋଲିସ ତୁରନ୍ତ ଛାନଭିନ୍ କରି ଦୁଇଜଣ ସନ୍ଦିଗ୍ଧଙ୍କୁ ଧରି ଥାନାକୁ ନେଇ ଜୋରଦାର ଜେରା କରୁଛି। ତେବେ ପୋଲିସର ପ୍ରାଥମିକ ପଚରା ଉଚରାରେ ସେମାନେ ଲୁଟ୍ ଉଦ୍ୟମରେ ବଳ ପ୍ରୟୋଗ କରି ମାଡ ମାରିଥିବା ଓ ଶେଷରେ ଉଭୟେ ଏକ ବଡ ପଥରରେ ଗୋପାଳଙ୍କ ମୁଣ୍ଡକୁ ଶକ୍ତ ମାଡ଼ ମାରି ନିସ୍ତେଜ କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଖବର ପ୍ରେରଣ ସୁଦ୍ଧା ମୃତକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଲିଖିତ ଏତଲା ଦିଆଯାଇନଥିବା ଜଣାପଡିଛି । ଏହି ହତ୍ୟାକାଣ୍ଡ ଘଟଣାରେ ଧରା ପଡ଼ିଥିବା ଦୁଇଜଣଙ୍କ ବିରୋଧରେ ପୂର୍ବରୁ ଅନ୍ୟ କୌଣସି ଥାନାରେ କିଛି ମାମଲା ରହିଛି କି ନାହିଁ ସେନେଇ ପୋଲିସ ତଦନ୍ତକୁ ଜୋରଦାର କରିଛି। ଏତେବଡ଼ ଘଟଣା ଘଟିବାର ସ୍ୱଳ୍ପ ସମୟ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଧରି ପାରିଥିବାରୁ ପୋଲିସର ତତ୍ପରତାକୁ ସାଧାରଣରେ ବେଶ୍ ଉଚ୍ଚ ପ୍ରଶଂସା କରାଯାଇଛି। ତେବେ ବିଳମ୍ବିତ ରାତି ସମୟରେ ଜଣେ ବ୍ୟକ୍ତିଙ୍କ ଏଭଳି ଜୀବନ ଚାଲିଯିବା ଘଟଣା ସହରର ଆଇନଶୃଙ୍ଖଳା ଓ ନାଗରିକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି।

## ଟେକଗୁଡ଼ା ଜଙ୍ଗଲରେ ଭାଲୁ ଆତଙ୍କ

ମାଲକାନଗିରି,୧୩/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ବଡିଗାଟା ପଞ୍ଚାୟତ ଅନ୍ତର୍ଗତ ଟେକଗୁଡ଼ା ଗ୍ରାମରେ ମଙ୍ଗଳବାର ଦିନ ଗାଈ ଚରାଇବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରିଥିଲା । ଗୁରୁତର ଆହତ ବ୍ୟକ୍ତି ଜଣକ ହେଲେ ଗ୍ରାମର ଦେବା ମାଡକାମୀ । ସୂଚନା ଅନୁସାରେ, ଦେବା ମାଡକାମୀ ମଙ୍ଗଳବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲେ । ଏହି ସମୟରେ ଦୁଇଟି ଛୁଆ ସହ ଥିବା ଗୋଟିଏ ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା । ଭାଲୁଟି ପ୍ରଥମେ ତାଙ୍କ ଗୋଡକୁ କାମୁଡିଥିଲା । କୌଶଳେ କ୍ରମେ ଦେବା ମାଡକାମୀ ଭାଲୁ କବଳରୁ ଜୀବନ ବଞ୍ଚାଇ ପଳାଇ ଆସିଥିଲେ । ଘଟଣା ବିଷୟରେ ଖବର ପାଇ ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି ଏବଂ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି । ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଗ୍ରାମବାସୀମାନେ ବନ ବିଭାଗକୁ ଜଙ୍ଗଲ ନିକଟରେ ପେଟ୍ରୋଲିଂ ବଢାଇବା ଏବଂ ଲୋକଙ୍କୁ ସତର୍କ କରିବାକୁ ଦାବି କରିଛନ୍ତି । ଏ ବିଷୟରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ ।

# କୋରାପୁଟ ଜିଲ୍ଲାରେ ୩ମାସ ହେବ ମିଳୁନି ଭତ୍ତା : ଦୁର୍ଦ୍ଦିନରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ

ଜୟପୁର,୧୩/୦୮ (ନି.ପ୍ର): କୋରାପୁଟ ଜିଲ୍ଲ ରେ ଗତ ୩ ମାସ ହେବ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ମିଳୁନି । ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି ।ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତ୍ତା କୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ । କିନ୍ତୁ ଗତ ୩ମାସ ହେବ ଭତ୍ତା ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛଁନ୍ତି । ଭତ୍ତା ଟଙ୍କା ପାଇବା ନେଇ କୋରାପୁଟ ଜିଲାର କୋରାପୁଟ, ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୁନ୍ଦୁରା, ଲମତାପୁଟ, କୋଟପାଡ ବ୍ଲକ କାଯ୍ୟଁଳୟ କୁ ଯାଇ ହିତାଧିକାରି ମାନେ ନୟାନ୍ତ ହେଲେଣି । ପ୍ରଶାସନ ତରଫରୁ ଆଧାର ସହ ବ୍ୟାଙ୍କ ପାସ ବୁକ ଲିଙ୍କ କଲେ ଭତ୍ତା ଟଙ୍କା ଆସିବ ବୋଲି କହୁଛନ୍ତି । କିନ୍ତୁ ବହୁ ହିତାଧିକାରି ଆଧାର ଲିଙ୍କ କରିବା ପରେ ମଧ୍ୟ ଭତ୍ତା ଟଙ୍କା ଆସିନଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି । କିନ୍ତୁ ଏହିସବୁ ସାମାଜିକ ନିରାପତ୍ତାଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା କାଗଜ କଲମରେ ସିମିତ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତ୍ତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି । ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ,ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଞ୍ଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି । ଭତ୍ତା ଟଙ୍କା ଉପରେ ଭରସା କରି ନିଜ ପାଇ ଔଷଧ କିଣିବା ସହ ଅନ୍ୟ କାଯ୍ୟ କରିଥାନ୍ତି । ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବିରୋଧି ଦଳର ନେତା ମାନେ ଅଭିଯୋଗ କରିଛନ୍ତି । ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ । ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତ୍ତା ଦେବ ତାହା ଏବେ ଚିନ୍ତାର ବିଷୟ ଅଟେ । ତେଣୁ ରାଜ୍ୟ ସରକାର ତୁରନ୍ତ ଗିରବ, ବୃଦ୍ଧା ବୃଦ୍ଧ , ଭତ୍ତା ହିତାଧିକାରି ଙ୍କ ଭତ୍ତା ଟଙ୍କା ଦେବା ପାଇ ସାଧାରଣରେ ଦାବି ହୋଇଛି ।

## ଚମ୍ପୁଆ ଲ୍ୟାମ୍ପ୍ସରେ ଧାନ ବିକ୍ରି ପଞ୍ଜିକରଣ ପାଇଁ ଚାଷୀଙ୍କ ପ୍ରବଳ ଭିଡ଼: କର୍ମଚାରୀ ଅଭାବରୁ ବଢୁଛି ଅସନ୍ତୋଷ

ଚମ୍ପୁଆ,୧୩/୦୮ (ନି.ପ୍ର): ଚମ୍ପୁଆ ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ଧାନ ବିକ୍ରି ପଞ୍ଜିକରଣ ପାଇଁ ଚାଷୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଚଳିତ ମାସ ୧୧ ତାରିଖରୁ ଏହି ପଞ୍ଜିକରଣ ଫର୍ମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୩୧ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ଓ ପଞ୍ଜିକରଣ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ତେବେ ଚମ୍ପୁଆସ୍ଥିତ ଏହି କାର୍ଯ୍ୟାଳୟରେ ଚମ୍ପୁଆ, କରଞ୍ଜିଆ ଏବଂ କଣ୍ଡରା ଲ୍ୟାମ୍ପ୍ସ ଅଧୀନରେ ଥିବା ଚାଷୀମାନଙ୍କୁ ଫର୍ମ ବଣ୍ଟନ କରାଯାଉଛି। ମାତ୍ର କର୍ମଚାରୀ ଅଭାବରୁ ଗୋଟିଏ ସ୍ଥାନରେ ତିନୋଟି ଲ୍ୟାମ୍ପ୍ସର କାର୍ଯ୍ୟ ଚାଲିଥିବାରୁ ବ୍ୟବସ୍ଥା ମନ୍ଥର ହୋଇପଡ଼ିଛି ।ଯାହାଦ୍ୱାରା ଚାଷୀଙ୍କୁ ଘଣ୍ଟା ଘଣ୍ଟା ଲାଇନରେ ଛିଡ଼ା ହେବାକୁ ପଡୁଛି। ଫଳରେ ଦୂରଦୂରାନ୍ତରୁ ଆସିଥିବା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଜିକରଣ ଅବଧି ଶେଷ ହେବାକୁ ଆଉ କମ୍ ଦିନ ଥିବାରୁ ଚାଷୀଙ୍କ ମଧ୍ୟରେ ଆଶଙ୍କା ଓ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ କରି ଫର୍ମ ପ୍ରଦାନ ସହିତ ପଞ୍ଜିକରଣ ପ୍ରକ୍ରିୟାକୁ ସହଜ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ତ୍ୱରିତ ଏଡସ୍ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ ,୧୩/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ସ୍ତରୀୟ ତ୍ୱରିତ ଏଡ଼ସ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି । କନ୍ଧମାଳ ଜିଲ୍ଲାର ତୃଣମୂଳ ସ୍ତରରେ, ବିଶେଷ ଭାବରେ ଅପହଞ୍ଚ ଅଞ୍ଚଳ, ସମ୍ବେଦନଶୀଳ ସଅଞ୍ଚଳ ଏବଂ ଯୁବ ବର୍ଗ ମାନଙ୍କ ମଧ୍ୟରେ ଏଡ଼ସ ଏବଂ ଯୌନ ସଂକ୍ରମଣ ର ସଚେତନତା ବୃଦ୍ଧି ନିମନ୍ତେ, ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ( ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ) ଦ୍ୱାରା ସ୍ଥିରୀକୃତ ଦୁଇ ମାସ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ତ୍ୱରିତ ସଚେତନତା ଅଭିଯାନ ର କନ୍ଧମାଳ ଜିଲ୍ଲା ସ୍ତରୀୟ ଅଭିଯାନ ର ଶୁଭାରମ୍ଭ ଆଜି ଫୁଲବାଣୀ ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ର, ଫୁଲବାଣୀ ଠାରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅଞ୍ଜଳି ଶତପଥୀ ଙ୍କର କରକମଳରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀ ମାନଙ୍କ ମଧ୍ୟରେ ଏଡ଼ସ ବିଷୟରେ ଏକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗିନୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ ସଭା କାର୍ଯ୍ୟ କ୍ରମରେ ଜିଲ୍ଲା କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ର ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଜ୍ୟୋଛନା ରାଣୀ ସେଠି ଉପସ୍ଥିତ ଥିଲେ । ମହିଳା ସ୍ୱାସ୍ଥ୍ୟ କର୍ମୀ ଅନୁଷ୍ଠାନର ଅଧକ୍ଷା, ଶିକ୍ଷୟିତ୍ରୀମାନେ ଏବଂ ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ସ୍ୱାଧୀନତା ଦିବସ ପାଳନକୁ ନେଇ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ରଘୁପୁର ମଣ୍ଡଳରେ ଦେଖିବାକୁ ମିଳିଛି ଦେଶପ୍ରେମର ଭବ୍ୟ ଚିତ୍ର




ବେତନଟୀ,୧୩/୮(ନି.ପ୍ର) : ଭରତୀୟ ଜନତା ପାର୍ଟି ରଘୁପୁର ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଯାଇଛି। ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଯାତ୍ରାରେ ମୁଖ୍ୟ ଅତିଥି ଭାବେ ସାମିଲ ହୋଇଥିଲେ ବଡ଼ସାହି ବିଧାୟକ ସନାତନ ବିଜୁଳି। ଯାତ୍ରାରେ ଯୋଗଦେଇ ବିଧାୟକ 'ହର ଘର ତିରଙ୍ଗା' ଅଭିଯାନର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ତିରଙ୍ଗା ଉତ୍ତୋଳନ ପାଇଁ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ସୈନିକ, ମିଶନ ଶକ୍ତିର ମହିଳା, ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଖୁଣ୍ଟାପୁର ଶିବମନ୍ଦିର ନିକଟରୁ ବାହାରିଥିବା ଏହି ଯାତ୍ରା ପଣଶିଆ ବଜାର ସହିତ ଆଖପାଖ ଗାଁ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟାଳୟର ପ୍ରମୁଖ ଅଧିକାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଜେପି କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ 'ହର ଘର ତ୍ରିରଙ୍ଗା-୨୦୨୬': ଉତ୍ସବମୁଖର ପରିବେଶରେ ବାହାରିଲା ବିଶାଳ ପଦଯାତ୍ରା

ଝାରସୁଗୁଡ଼ା,୧୩/୦୮ (ନି.ପ୍ର): 'ହର ଘର ତ୍ରିରଙ୍ଗା - ୨୦୨୬' ଅଭିଯାନ ଉପଲକ୍ଷେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଏକ ଭବ୍ୟ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି। ସକାଳ ୮.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ବିଶାଳ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଭବ୍ୟ ସମାରୋହର ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଏବଂ ଜାତୀୟ ସଂଗୀତ ଜନ ଗଣ ମନ ଗାନ କରାଯାଇଥିଲା। ଏହାପରେ ବିଧାୟକ ଟଙ୍କଧର ତ୍ରିପାଠୀ ସବୁଜ ପତାକା ଦେଖାଇ ରାଲିର ଶୁଭ ଉଦ୍ଘାଟନ କରାଯାଇଥିଲା। ଏହି ରାଲିଟି କିଶାନ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ଏବଂ ଝଣ୍ଡା ଛକ ଦେଇ ପରିକ୍ରମା କରିବା ପରେ ମନମୋହନ ଏମ. ଇ. ସ୍କୁଲ ପଡ଼ିଆରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୪ ହଜାରରୁ ଅଧିକ ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ, ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇ ଜାତୀୟ ପତାକା ପ୍ରତି ଅପୂର୍ବ ଉତ୍ସାହ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ କହିଥିଲେ, ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶରେ ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଛି। ଏହି ଅବସରରେ ଆଜି ଝାରସୁଗୁଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ ଦେଶର ଗୌରବମୟ ଜାତୀୟ ପତାକା ପ୍ରତି ସମ୍ମାନ ଓ ଦେଶଭକ୍ତିର ଭାବନାକୁ ଆହୁରି ଦୃଢ଼ କରିବାର ସୁଯୋଗ ପ୍ରାପ୍ତ ହୋଇଛି।' ଏହି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୩୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା। ସ୍କୁଲ-କଲେଜର ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ସାଧାରଣ ଜନତା ସମ୍ମିଳିତ ରାଲିରେ ଗୌରବର ସହ ଏହି ଦୀର୍ଘ ପତାକାକୁ ବହନ କରି ସମଗ୍ର ନଗର ପରିକ୍ରମା କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ସାଂସଦଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଏବଂ ଓଏସଏପି ଦ୍ୱିତୀୟ ବାହିନୀର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଏହି ସଂପୂର୍ଣ୍ଣ ସମାରୋହର ମଞ୍ଚ ପରିଚାଳନା, ସଂଯୋଜନା ଏବଂ ଉପସ୍ଥାପନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିଆରସିଂହ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ସହ-ସଂଯୋଜନା କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାଧାରଣ ଜନତା ଏବଂ ସାମିଲ ହୋଇଥିବା ପଦଯାତ୍ରୀଙ୍କ ସୁବିଧା ପାଇଁ ମନମୋହନ ଏମ. ଇ. ସ୍କୁଲ ପଡ଼ିଆରେ ପାନୀୟ ଜଳ ଏବଂ ଅସ୍ଥାୟୀ ଶୌଚାଳୟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ବିଶାଳ ଆୟୋଜନକୁ ସଫଳ କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ନିହାଲ ଭୋଇ, ରବୀନ୍ଦ୍ର ନିଆଲ ଏବଂ ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ଏଲିସ୍ ପଟେଲ, ଧୀରଜ ରୋଶନ୍ ପ୍ରଧାନ, ଓ ରାଜେଶ ସେଠ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ସହରର ବିଭିନ୍ନ ଖାଦ୍ୟ ଦୋକାନରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

ଝାରସୁଗୁଡ଼ା,୧୩/୦୮ (ନି.ପ୍ର): ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଅଛି। ଏହି କ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ପୌରପାଳିକା ଟିମ୍ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଏକ ବିଶେଷ ଚଢ଼ାଉ ଓ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଯାଇଛି। ସରବାହାଲ ଅଞ୍ଚଳରେ ଚାଲିଥିବା ଏହି ଯାଞ୍ଚ ଅଭିଯାନରେ ମୋଟ ୨୯ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିଲା। ଏଥିମଧ୍ୟରେ ଗୁପଚୁପ୍ ଠେଲା, ଫାଷ୍ଟଫୁଡ୍ ଷ୍ଟଲ୍, ସ୍ନାକ୍ସ ସେଣ୍ଟର୍, କୁକୁଡ଼ା ଏବଂ ମାଛ ଦୋକାନ ଆଦି ସାମିଲ ରହିଥିଲା। ଯାଞ୍ଚ ସମୟରେ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ଉଲ୍ଲଂଘନ କରି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ମୋଟ ୫,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ବିକ୍ରି ପାଇଁ ରଖାଯାଇଥିବା ପ୍ରାୟ ୧୪ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ଓ ବାସି ଖାଦ୍ୟ ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି। ଜଳବାହିତ ରୋଗର ପ୍ରତିରୋଧ ପାଇଁ ବ୍ୟବହୃତ ହେଉଥିବା ପାଣିର ଗୁଣବତ୍ତା ପରୀକ୍ଷା ନିମନ୍ତେ ୭ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ସେହିପରି ଦୋକାନଗୁଡ଼ିକରେ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ବୈଧ ଖାଦ୍ୟ ଲାଇସେନ୍ସ ହାସଲ କରିବା ପାଇଁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ଇଂପ୍ରୁଭମେଣ୍ଟ ନୋଟିସ୍' ଜାରି କରାଯାଇଛି। ଏହି ଯାଞ୍ଚ ଓ ଚଢ଼ାଉ ଅଭିଯାନରେ ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୁହାର, ସହକାରୀ ଯାଦବ ଦେହେରୀ, ପୌରପାଳିକା କର୍ମଚାରୀ ଏମ.ଡି ନାସିର ଏବଂ ପୋଲିସ କନଷ୍ଟେବଲ ପ୍ରମିତ ଚାନ୍ଦ ପ୍ରମୁଖ ସାମିଲ ହୋଇ କାର୍ଯ୍ୟାନୁଷ୍ଠାନ ପରିଚାଳନା କରିଥିଲେ। ସାଧାରଣ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟପ୍ରଦ ଓ ନିରାପଦ ଖାଦ୍ୟ ଯୋଗାଇଦେବା ପାଇଁ ଆଗାମୀ ଦିନରେ ଏହିପରି ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଦେଶି ମଦ ଚାଲାଣ ବେଳେ ଚଢାଉ: ୨ ମହିଳା ଗିରଫ

ଜୟପୁର,୧୩/୦୮ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରିଛି । ଚଢାଉ କରି ୨ ମହିଳା ଅଭିଯୁକ୍ତଙ୍କୁ ଗିରଫ କରିଛି । ଜୟପୁର ଚନ୍ଦନବାଡ ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ବେଆଇନ ମଦ ବିକ୍ରି ଚାଲୁଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଅବକାରି ଥାନା ଆଜି ଚଢାଉ କରିଛି । ଚଢାଉ କରି ୨ ମହିଳାଙ୍କ ଠାରୁ ୬୬ ଲିଟର ଦେଶି ମଦ ଜବତ କରିଛି । ଗିରଫ ୨ ମହିଳା ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ଧନିଆ ଖାଆନ୍ତୁ: ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଆନ୍ତୁ

ଧନିଆ ଭାରତୀୟ ଖାଦ୍ୟରେ ସବୁଠାରୁ ସାଧାରଣ ଏବଂ ଲୋକପ୍ରିୟ ମସଲା ମଧ୍ୟରୁ ଗୋଟିଏ । ଏହା ପନିପରିବା, ଡାଲି, କିମ୍ୱା ଚଟଣି ହେଉ, ଏହାର ସୁଗନ୍ଧ ଏବଂ ସ୍ୱାଦ ପ୍ରତ୍ୟେକ ଖାଦ୍ୟକୁ ବୃଦ୍ଧି କରିଥାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହା କେବଳ ସ୍ୱାଦ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ? ହଁ, ସବୁଜ ଧନିଆ ପତ୍ର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ। ଏହା କେବଳ ଆମର ମତ ନୁହେଁ, ବରଂ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମଧ୍ୟ ଏହା କୁହନ୍ତି । ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଅନୁସାରେ, ଧନିଆରେ ଅନେକ ଲୁକ୍କାୟିତ ଗୁଣ ଅଛି ଯାହା ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ । ସେ କରିଥିଲେ ଯେ ଧନିଆ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ, ମେଟାବୋଲିଜିମକୁ ସକ୍ରିୟ କରେ ଏବଂ ଶରୀରରୁ କ୍ଷତିକାରକ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ, ଏହା ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା, ପ୍ରଦାହ ହ୍ରାସ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସହାୟକ । ଧନିଆ କେବଳ ଏକ ସ୍ୱାଦିଷ୍ଟ ମସଲା ନୁହେଁ, ଏହା ଆମ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍କୃଷ୍ଟ ଅସ୍ତ୍ର ମଧ୍ୟ। ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଯେକୌଣସି ସମୟରେ ଲାଭଦାୟକ ସାବ୍ୟସ୍ତ ହୋଇପାରେ।



ପେଟ ଏବଂ ପାଚନ ପାଇଁ ଲାଭଦାୟକ: ଧନିଆ ପାଚନକୁ ଉନ୍ନତ କରେ ଏବଂ ପେଟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ପେଟ ଫୁଲିବା, ଗ୍ୟାସ୍ କିମ୍ୱା ଏସିଡିଟିରେ ପୀଡିତ, ତେବେ ନିୟମିତ ଧନିଆ ବ୍ୟବହାର ବହୁତ ଲାଭଦାୟକ ପ୍ରମାଣିତ ହୁଏ । ପତ୍ରର ରସ କିମ୍ୱା ଧନିଆ ପାଉଡର ସେବନ ପେଟକୁ ହାଲୁକା ରଖିବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଧନିଆ କେବଳ ହଜମ ପାଇଁ ଲାଭଦାୟକ ନୁହେଁ, ଏହା ଗଳା ଏବଂ କାଶରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଧନିଆ ପତ୍ର କିମ୍ୱା ରସର ଏକ ଛୋଟ ମାତ୍ରା ପିଲାମାନଙ୍କ କାଶରୁ ମୁକ୍ତି ଦେଇପାରେ। ଏହା ଗଳା ଯନ୍ତ୍ରଣା ଏବଂ ଘା' ହେବା ଚିକିତ୍ସାରେ ମଧ୍ୟ ପ୍ରଭାବଶାଳୀ । ଧନିଆ ପାଉଡରକୁ ପାଣିରେ ମିଶାଇ ପିଇବା ଦ୍ୱାରା ମୁଣ୍ଡବିନ୍ଧା ଏବଂ ଗରମଜନିତ ଅସୁବିଧାରୁ ମୁକ୍ତି ମିଳିଥାଏ । ଧନିଆର ବ୍ୟବହାର ଦ୍ୱାରା ଆଣ୍ଠୁଗଣ୍ଠି ଏବଂ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

# ଆଖିରୁ ଜାଣନ୍ତୁ ମଧୁମେହ ଏବଂ କୋଲେଷ୍ଟ୍ରଲର ଲକ୍ଷଣ : ପରୀକ୍ଷା ନକରି କରନ୍ତୁ ଚିହ୍ନଟ

ଆଖିକୁ ଶରୀରର ଦର୍ପଣ କୁହାଯାଏ । କେବଳ ଦୁନିଆକୁ ଦେଖିବା ପାଇଁ ନୁହେଁ, ବରଂ ଶରୀର ଭିତରେ କେଉଁ ରୋଗ ପାଦ ଥାପୁଛି, ତାହା ମଧ୍ୟ ଆଖି ମାଧ୍ୟମରେ ଜାଣିହୁଏ । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଡାଇବେଟିସ୍ ଏବଂ ହାଇ କୋଲେଷ୍ଟ୍ରଲ୍ ଏକ ସାଧାରଣ ସମସ୍ୟା ପାଲଟିଛି । ଅନେକ ସମୟରେ ରକ୍ତ ପରୀକ୍ଷା କରିବା ପୂର୍ବରୁ ଆମ ଆଖି କିଛି ସ୍ୱତନ୍ତ୍ର ସଙ୍କେତ ଦେଇଥାଏ, ଯାହାକୁ ଆମେ ଜାଣିବା ନିହାତି ଜରୁରୀ।



୧. ଆଖିରୁ କୋଲେଷ୍ଟ୍ରଲ୍ ବଢ଼ିବାର ସଙ୍କେତ

ଯେତେବେଳେ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ର ମାତ୍ରା ବଢ଼ିଯାଏ, ଏହା ରକ୍ତନଳୀରେ ଜମା ହେବାକୁ ଲାଗେ। ଏହାର ପ୍ରଭାବ ଆଖିରେ ମଧ୍ୟ ଦେଖାଯାଏ:

କର୍ଣ୍ଣିଆ ଚାରିପଟେ ଧଳା ବଳୟ : ଯଦି ଆପଣଙ୍କ ଆଖିର କଳା ଡୋଳା ବା କର୍ଣ୍ଣିଆର ଚାରିପଟେ ଧଳା, ପାଉଁଶିଆ କିମ୍ୱା ନୀଳ ରଙ୍ଗର ଏକ ଗୋଲାକାର ବଳୟ ଦେଖାଯାଉଛି, ତେବେ ଏହା ହାଇ କୋଲେଷ୍ଟ୍ରଲ୍‌ର ଏକ ପ୍ରମୁଖ ସଙ୍କେତ । ଏହା ଚର୍ବି ଜମା ହେବା କାରଣରୁ ହୋଇଥାଏ।

ଆଖି ପତା ଉପରେ ହଳଦିଆ ଦାଗ: ଆଖିର ଉପର କିମ୍ୱା ତଳ ପତା ପାଖରେ ଛୋଟ ଛୋଟ ହଳଦିଆ ରଙ୍ଗର ମାଂସଳ ପେଣ୍ଡୁଳା ବା ଦାଗ ଦେଖାଯିବା। ଏଥିରେ ଯନ୍ତ୍ରଣା ହୁଏନାହିଁ, କିନ୍ତୁ ଏହା ଶରୀରରେ ବଢୁଥିବା ଚର୍ବି ବା କୋଲେଷ୍ଟ୍ରଲ୍‌ର ସ୍ପଷ୍ଟ ପ୍ରମାଣ।

ଦୃଷ୍ଟିଶକ୍ତି ହଠାତ୍ କମିଯିବା: କୋଲେଷ୍ଟ୍ରଲ୍ କାରଣରୁ ଆଖିକୁ ରକ୍ତ ଯୋଗାଉଥିବା ନଳୀରେ ବାଧା ସୃଷ୍ଟି ହୋଇପାରେ, ଯାହାକୁ 'ରେଟିନାଲ୍ ଆର୍ଟେରୀ ଅକ୍ଲୁଜନ' କୁହାଯାଏ। ଏହା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଦେଖିବାରେ ଅସୁବିଧା ଅନୁଭବ କରେ ।

୨. ଆଖିରୁ ଡାଇବେଟିସ୍‌ର ସଙ୍କେତ

ରକ୍ତରେ ଶର୍କରା ବା ସୁଗାରର ମାତ୍ରା ବଢ଼ିଲେ ଏହା ଆଖିର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ ନଷ୍ଟ କରିଦିଏ । ଏହାକୁ 'ଡାଇବେଟିକ୍ ରେଟିନୋପାଥି' କୁହାଯାଏ।

ଝାପ୍ସା ଦେଖାଯିବା : ଯଦି ଆପଣଙ୍କୁ ହଠାତ୍ ସବୁକିଛି ଝାପ୍ସା ଦେଖାଯାଉଛି, ତେବେ ଏହା ବଢୁଥିବା ସୁଗାରର ଲକ୍ଷଣ ହୋଇପାରେ । ରକ୍ତରେ ସୁଗାର ବଢ଼ିଲେ ଆଖିର ଲେନ୍ସ ଫୁଲିଯାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଯାଏ ।

ଆଖି ଆଗରେ କଳା ଦାଗ ଉଡ଼ିବା : ଅନେକ ସମୟରେ ଡାଇବେଟିସ୍ ରୋଗୀଙ୍କୁ ଆଖି ଆଗରେ ଛୋଟ ଛୋଟ କଳା ଦାଗ, ବିନ୍ଦୁ କିମ୍ୱା ବୁଢ଼ିଆଣି ଜାଲ ଭଳି କିଛି ଉଡୁଥିବାର ଦେଖାଯାଏ । ଏହା ରେଟିନାରୁ ରକ୍ତସ୍ରାବ ହେବାର ସଙ୍କେତ ହୋଇପାରେ ।

ରଙ୍ଗ ଚିହ୍ନିବାରେ ଅସୁବିଧା: ସୁଗାର ବହୁତ ଦିନ ଧରି ଅଧିକ ରହିଲେ ବ୍ୟକ୍ତି ରଙ୍ଗ ଚିହ୍ନିବାର କ୍ଷମତା ହରାଇବାକୁ ଲାଗେ। ବିଶେଷ କରି ନୀଳ ଏବଂ ହଳଦିଆ ରଙ୍ଗ ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୁଏ।

ରାତିରେ ଦେଖିବାରେ କଷ୍ଟ: ମଧୁମେହ କାରଣରୁ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ଯାହାଫଳରେ ଅଳ୍ପ ଆଲୁଅରେ କିମ୍ୱା ରାତିରେ କୌଣସି ଜିନିଷ ସଠିକ୍ ଭାବେ ଦେଖାଯାଏ ନାହିଁ।

କ'ଣ କରିବା ଉଚିତ୍: ଯଦି ଆପଣଙ୍କ ଆଖିରେ ଏହିଭଳି କୌଣସି ପରିବର୍ତ୍ତନ ଦେଖାଯାଉଛି, ତେବେ ତାକୁ ନଜରଅନ୍ଦାଜ କରନ୍ତୁ ନାହିଁ । ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ସହ ନିଜର ବ୍ଲଡ୍ ସୁଗାର ଏବଂ ଲିପିଡ୍ ପ୍ରୋଫାଇଲ୍ (କୋଲେଷ୍ଟ୍ରଲ୍) ଟେଷ୍ଟ କରାଇ ନିଅନ୍ତୁ । ଆଖିରେ ଦେଖାଯାଉଥିବା ଏହି ସଙ୍କେତଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥାନ୍ତି। ସଠିକ୍ ସମୟରେ ଏହାକୁ ଚିହ୍ନଟ କରି ଚିକିତ୍ସା କଲେ ଆମେ ଭବିଷ୍ୟତରେ ଅନ୍ଧତ୍ୱ କିମ୍ୱା ହୃଦଘାତ ଭଳି ବଡ଼ ବିପଦରୁ ରକ୍ଷା ପାଇପାରିବା । ମନେରଖନ୍ତୁ, ସଚେତନତା ହିଁ ସୁସ୍ଥ ଜୀବନର ଚାବିକାଠି ।




ପରିବା ବଜାରରେ ମଟର , ଫୁଲକୋବି , ଶିମ୍ୱ ଏବଂ ମୂଳା ଭଳି ପରିବାର ଭାରି ଚାହିଦା । ବର୍ତ୍ତମାନ ପ୍ରତିଟି ପରିବା ଦୋକାନ ଦେଖିଲେ ଲାଗେ ଯେମିତି ସବୁଜ ପରିବାର ଭଣ୍ଡାର । ପାଟିକୁ ସୁଆଦ ଦେହକୁ ହିତକର ଏହି ପରିବା ଖାଇଲେ ଅନେକ ରୋଗ ମଧ୍ୟ ଦୂର ହେବା କଥା କୁହାଯାଏ । ଏହି ପରିବା ଭିତରୁ ମୂଳା ଅନ୍ୟତମ । ଖାଲି ମୂଳା କାହିଁକି ମୂଳା ସାଗ ମଧ୍ୟ ଶୀତ ଦିନରେ ଅଧିକ ସଂଖ୍ୟାରେ ଖିଆଯାଏ । ପୋଷକ ତତ୍ତ୍ୱରେ ଭରପୁର ମୂଳା ସାଗ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ । ଏଥିରେ ଭିଟାମିନ୍, ଖଣିଜ ପଦାର୍ଥ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ମୂଳା ସାଗ ଖାଇବା ଖାଲି ପାଚନ, ଚର୍ମ ଏବଂ ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ ବରଂ ଏହା ବିଷାକ୍ତ ପଦାର୍ଥ ବାହାର କରି ଶରୀରକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଥିବା ଫାଇବର ହଜମ କରାଏ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । କ୍ୟାଲସିୟମ, ପୋଟାସିୟମ ଏବଂ ଆଇରନ ଭଳି ଖଣିଜ ପଦାର୍ଥ ଥିବାରୁ ହାଡ଼କୁ ମଜବୁତ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ମୂଳା ପତ୍ର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ କାରଣ ଏଥିରେ କ୍ୟାଲୋରୀ କମ୍ ଥାଏ ଏବଂ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଫୁଲ୍ ରଖିଥାଏ । ମୂଳା ସାଗ ଶରୀର ପାଇଁ ଏକ ବରଦାନ ସଦୃଶ କାରଣ ଯଦି ଆପଣ ଅର୍ଶରେ ପୀଡ଼ିତ ତେବେ ଏହି ପତ୍ରର ଔଷଧୀୟ ଗୁଣ ଅର୍ଶ ଲକ୍ଷଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଏହି ପତ୍ରର ରସ ପାଚନ କ୍ରିୟାକୁ ଉନ୍ନତ କରିବା ସହ କୋଷ୍ଠକାଠିନ୍ୟ ହ୍ରାସ କରେ । ମୂଳା ପତ୍ରରେ ଥିବା କ୍ୟାଲସିୟମ ଏବଂ ଫସଫରସ୍ ହାଡ଼କୁ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବାର ଆଶଙ୍କା ହ୍ରାସ କରେ । କ୍ୟାଲୋରୀ କମ୍ କିନ୍ତୁ ଫାଇବର ଏବଂ ଜଳୀୟ ଅଂଶ ଅଧିକ ଥିବାରୁ ଏହା ଲମ୍ୱା ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ୍ ରଖେ ଯାହାକୁ ଖାଇଲେ ଶୀଘ୍ର ଭୋକ ଲାଗେନି ଏବଂ ଓଜନ ମଧ୍ୟ ହ୍ରାସ ହୋଇଥାଏ । ମୂଳା ପତ୍ରରେ ପ୍ରଦାହ-ରୋଧୀ ଗୁଣ ଥାଏ, ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବାରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୋଇଥାଏ ଏବଂ ଚର୍ମକୁ ମଧ୍ୟ ଏହା ଚମକ ଦେଇଥାଏ । ଏହି ପତ୍ରରେ ପଟାସିୟମ ଏବଂ କ୍ୟାଲସିୟମ ଭଲ ପରିମାଣରେ ଥାଏ, ଯାହା ହୃଦୟ ପାଇଁ ଲାଭଦାୟକ । ମୂଳା ସାଗ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହୃଦରୋଗର ଆଶଙ୍କା ହ୍ରାସ କରେ । ଏହା ଯକୃତ ଏବଂ ବୃକକ୍ ପାଇଁ ମଧ୍ୟ ଭାରି ଭଲ । ଏହି ସାଗକୁ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ପ୍ରାକୃତିକ ଉପଚାର କାରଣ ରକ୍ତ ଶର୍କରା ସ୍ତରକୁ ସ୍ଥିର ରଖିବାରେ ସାହାଯ୍ୟ କରେ ।



# ଗ୍ୟାସ ବର୍ଣ୍ଣର ସଫା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଘରୋଇ ଉପାୟ ...

ସବୁବେଳେ ଗ୍ୟାସରେ ରୋଷେଇ କରିବା ଫଳରେ ଗ୍ୟାସର ଚୁଲା ବା **Gas Burner** କଳା ପଡ଼ିଯାଇଥାଏ । ଏହାକୁ ସଫା କରିବାକୁ ମାର୍କେଟରେ ମିଳୁଥିବା ମହଙ୍ଗା ପ୍ରଡକ୍ଟର ଆବଶ୍ୟକତା ପଡିଥାଏ । କିନ୍ତୁ ସବୁ ସମୟରେ ମହଙ୍ଗା ପ୍ରଡକ୍ଟ ବ୍ୟବହାର କରିବା ସମସ୍ତଙ୍କ ପାଇଁ ସମ୍ଭ ବ ହୁଏ ନାହିଁ , ସେ ଘରୋଇ ହେଉ କି ହୋଟେଲ ସବୁଠି ଗ୍ୟାସ୍ ରେ ରୋଷେଇ ପରେ ସମସ୍ୟା ଦେଖାଯାଏ ସଫା କରିବା ନେଇ କାରଣ ଆମେ ରୋଷେଇ କରିବା ପରେ ସାଧାରଣ ଭାବରେ ଗୃହିଣୀ ମାନଙ୍କ ଚିନ୍ତା ବଢିଯାଏ ସଫା କରିବା ନେଇ ।

ମହଙ୍ଗା ଜିନିଷ ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ କମ୍ ଖର୍ଚ୍ଚରେ ଏବଂ ସହଜରେ ଆପଣ ଏହାକୁ ସଫା କରିପାରିବେ। ଏହି ଉପଚାର ମାଧ୍ୟମରେ ଆପଣଙ୍କ କଳା ପଡିଯାଇଥିବା ଗ୍ୟାସର ଚୁଲା ପୁରା ନୂଆ ଦିଶିବ। ଗ୍ୟାସ୍ ବର୍ନରରେ ଥିବା ଛୋଟ କଣାଗୁଡ଼ିକ ପ୍ରାୟତଃ ତେଲ, ମସଲା ଏବଂ ଧୂଳିରେ ଭର୍ତ୍ତି ହୋଇଯାଏ । ଏହା ଗ୍ୟାସ୍‌କୁ ଖରାପ କରିବା ସହ ନିଆଁ ଆଞ୍ଚକୁ କମ କରେ ଏବଂ ରୋଷେଇ ସମୟ ବୃଦ୍ଧି କରେ ।

ଏହା ସହିତ ଗ୍ୟାସ୍ ଅପଚୟ ମଧ୍ୟ ହୋଇଥାଏ। ଯଦି ମଇଳା ହୋଇଯାଇଥିବା ଗ୍ୟାସ୍ ଚୁଲାକୁ ସଫା କରିବା ଆପଣଙ୍କ ପାଇଁ କଷ୍ଟକର ହୋଇପଡୁଛି ତେବେ ଏହି ସହଜ ଘରୋଇ ଉପଚାର କରି ନିଜର ସମସ୍ୟା ଦୂର କରନ୍ତୁ। କାରଣ ଏହି ଟିପ୍ସ ଦ୍ୱାରା ମାତ୍ର କିଛି ମିନିଟ୍ ମଧ୍ୟରେ ଆପଣଙ୍କର ଗ୍ୟାସ ଚୁଲା ସଫା ହେବା ସହ ଚକ୍ ଚକ୍ ଦିଶିବ। ଆଉ ଆପଣ ବି କମ୍ ସମୟ ମଧ୍ୟରେ ଚିନ୍ତା ମୁକ୍ତ ହୋଇଯିବେ ।



ପ୍ରଥମେ ଦୁଇ ଗ୍ଲାସ ଉଷୁମ ପାଣିରେ ଏକ ଚାମଚ ଲେମ୍ବୁ ରସ ନଚେତ୍ ଭିନେଗାର ମିଶାଇ ଆଣ୍ଟାସିଡ୍ ପାଉଡର ନଚେତ୍ ଇନୋ ପାଉଡର ଆଣନ୍ତୁ ।

ଗ୍ୟାସ୍ ଚୁଲାକୁ ସଫା କରିବା ପାଇଁ, ପ୍ରଥମେ ଏକ ପାତ୍ରରେ ଦୁଇ ଗ୍ଲାସ ଉଷୁମ ପାଣି ଢାଳନ୍ତୁ। ଏହା ପରେ ଏଥିରେ ଲେମ୍ବୁ ରସ କିମ୍ବା ଧଳା ଭିନେଗାର ମିଶାନ୍ତୁ । କାରଣ ଲେମ୍ବୁ ବା ଭିନେଗାର ଉଭୟ ତେଲ ଲାଗି କଳା ହୋଇଯାଇଥିବା ଦାଗ ଛଡ଼ାଇବାରେ ସାହାଯ୍ୟ କରେ। ଲେମ୍ବୁ ବା ଭିନେଗାର ଉଷୁମ ପାଣିରେ ପକାଇ ସାରିବା ପରେ ସଫଳ କରିବାକୁ ଥିବା ବର୍ନର ସବୁକୁ ସେଥିରେ ପକାନ୍ତୁ।

ତା'ପରେ ଇନୋ ପାଉଡରକୁ ବର୍ନର ଉପରେ ଛିଞ୍ଚନ୍ତୁ ଏବଂ ଏହାକୁ ୫ମିନିଟ୍ ପାଇଁ ରଖନ୍ତୁ । ପାଞ୍ଚ ମିନିଟ୍ ପରେ, ବର୍ନରକୁ ବାହାର କରି ଏକ ନରମ ବ୍ରଶ୍ ସାହାଯ୍ୟରେ ଘଷି ଦିଅନ୍ତୁ। ଆପଣ ଦେଖିବେ ଯେ ମଇଳା ଆପେ ଆପେ ଛାଡ଼ିବା ଆରମ୍ଭ କରିବ। ଇନୋ ପାଉଡରରେ ମୁଖ୍ୟତଃ ସୋଡିୟମ୍ ବାଇକାର୍ବୋନେଟ୍ (ବେକିଙ୍ଗ ସୋଡା ଭାବରେ ମଧ୍ୟ ଜଣାଶୁଣା) ଏବଂ ସାଇଟ୍ରିକ୍ ଏସିଡ୍ ଥାଏ। ଲେମ୍ବୁ ରସ କିମ୍ବା ଭିନେଗାର ଏବଂ ଉଷୁମ ପାଣି ସହିତ ଏହାକୁ ମିଶ୍ରଣ କଲେ, ଏହା ଦ୍ରୁତ ଗତିରେ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ଉତ୍ପାଦନ କରେ, ଯାହଳ ଗ୍ୟାସ୍ ସଫା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଏଭଳି ଉପାୟରେ ଆପଣ ଗ୍ୟାସ୍ ଚୁଲ୍ଲାକୁ ସଫା କରନ୍ତୁ।

# ସାବଧାନ: ତ୍ୱଚାକୁ ନଷ୍ଟ କରିଦେବ ଏହି ସବୁ ପାନୀୟ




ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।

ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।

ସେହିପରି ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ। କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ।

ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ। ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ। ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।



# ଚାନ୍ଦିପୁରା ଭୂତାଣୁର ଆତଙ୍କ: ସଂକ୍ରମଣର କାରଣ ଖୋଜିବାରେ ଦିଗହରା ବିଶେଷଜ୍ଞ

ଗୁଜରାଟରେ ଗତ ପାଞ୍ଚ ସପ୍ତାହ ମଧ୍ୟରେ ଚାନ୍ଦିପୁରା ଭୂତାଣୁ ସଂକ୍ରମଣରେ ୨୫ ଜଣଙ୍କର ମୃତ୍ୟୁ ଘଟିବା ସମଗ୍ର ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ବିଶେଷ କରି ୧୫ ବର୍ଷରୁ କମ୍ ବୟସର ପିଲାମାନେ ଏହି ଭୂତାଣୁର ଶିକାର ହେଉଛନ୍ତି ଏବଂ ଏହି ରୋଗର ଭୟାବହତା ଏତେ ଅଧିକ ଯେ ସଂକ୍ରମିତ ହେବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମୃତ୍ୟୁ ଘଟିବାର ଆଶଙ୍କା ରହିଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ଉଦ୍‌ବେଗଜନକ ବିଷୟ ହେଉଛି ଯେ, ଏହି ଭୂତାଣୁ କିପରି ବ୍ୟାପୁଛି ସେନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ସମ୍ପୂର୍ଣ୍ଣ ଭାବରେ ଦିଗହରା ହୋଇପଡିଛନ୍ତି । ଜାତୀୟ ସ୍ତରର ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମ ସତ୍ତ୍ୱେ ଏପର୍ଯ୍ୟନ୍ତ ଏହି ଭୂତାଣୁର ପ୍ରକୃତ ବାହକ ବା ଭେକ୍ଟରକୁ ନିଶ୍ଚିତ ଭାବରେ ଚିହ୍ନଟ କରାଯାଇପାରି ନାହିଁ । ଏହା କେବଳ ଏକ ସାଧାରଣ ସ୍ୱାସ୍ଥ୍ୟ ସଙ୍କଟ ନୁହେଁ, ବରଂ ଆମର ରୋଗ ନିରୀକ୍ଷଣ ବ୍ୟବସ୍ଥା ଏବଂ ବୈଜ୍ଞାନିକ ଗବେଷଣାର ସୀମିତତାକୁ ମଧ୍ୟ ପଦାରେ ପକାଉଛି । ବର୍ତ୍ତମାନ ସୁଦ୍ଧା ଗୁଜରାଟ ସରକାର ୩୯ ଜଣ ପିଲାଙ୍କ ଠାରେ ଏହି ଭୂତାଣୁ ସଂକ୍ରମଣକୁ ନିଶ୍ଚିତ କରିଛନ୍ତି ଏବଂ ଏହା ଗୁଜରାଟର ୧୨ ଟି ଜିଲ୍ଲା ଓ ରାଜସ୍ଥାନର ୩ଟି ଜିଲ୍ଲାକୁ ବ୍ୟାପିସାରିଲାଣି । ବିଶେଷ କରି ଗୁଜରାଟର ପାଟଣା ଜିଲ୍ଲାରେ ସର୍ବାଧିକ ୫ ଟି ଏବଂ ସାବରକାଣ୍ଠାରେ ୪ଟି ମାମଲା ଚିହ୍ନଟ ହୋଇଛି, ଯାହା ସ୍ପଷ୍ଟ କରୁଛି ଯେ ରୋଗଟି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ନରହି ବିଭିନ୍ନ ସ୍ଥାନରେ ତାର କାୟା ବିସ୍ତାର କରୁଛି ।

ସାଧାରଣତଃ ଚାନ୍ଦିପୁରା ଭୂତାଣୁ ସ୍ୟାଣ୍ଡଫ୍ଲାଏ ବା ବାଲି ମାଛି (ଫ୍ଲେବୋଟୋମସ୍ ପ୍ରଜାତି) ମାଧ୍ୟମରେ ବ୍ୟାପିଥାଏ ବୋଲି ପୂର୍ବରୁ ପ୍ରମାଣିତ ହୋଇଛି । ମାତ୍ର ବର୍ତ୍ତମାନର ସଂକ୍ରମଣ ସମୟରେ ପ୍ରଭାବିତ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ହଜାର ହଜାର ବାଲି ମାଛି, ମଶା ଏବଂ ଟିକ୍ (ଏକ ପ୍ରକାର କୀଟ) ଗୁଡ଼ିକର ନମୁନା ପରୀକ୍ଷା କରାଯାଇଥିଲେ ମଧ୍ୟ ସେଥିରୁ ଚାନ୍ଦିପୁରା ଭୂତାଣୁର କୌଣସି ସନ୍ଧାନ ମିଳିନାହିଁ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଜୁନ୍ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟାପକ ସ୍କ୍ରିନିଂ ପ୍ରକ୍ରିୟାରେ ସମସ୍ତ କୀଟ ନମୁନାର ରିପୋର୍ଟ ନେଗେଟିଭ୍ ଆସିଛି । ଏହି ପରିସ୍ଥିତି ୨୦୨୪ ମସିହାରେ ହୋଇଥିବା ପ୍ରାଦୁର୍ଭାବର ସ୍ମୃତିକୁ ତାଜା କରିଦେଉଛି, ଯେଉଁଠାରେ ସମାନ ଧରଣର ପରୀକ୍ଷଣ ପରେ ମଧ୍ୟ ବୈଜ୍ଞାନିକମାନେ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରି ନଥିଲେ । ୨୦୨୪ ମସିହାରେ ଭାରତରେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ଚାନ୍ଦିପୁରା ପ୍ରାଦୁର୍ଭାବ ଦେଖାଦେଇଥିଲା, ଯେଉଁଥିରେ ସମଗ୍ର ଦେଶରେ ୨୪୫ ଟି ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ୍ (ଏଇଏସ୍) ମାମଲା ସାମ୍ନାକୁ ଆସିଥିଲା ଏବଂ ୮୨ ଜଣଙ୍କର ମୃତ୍ୟୁ ହୋଇଥିଲା । ସେହି ସମୟରେ କେବଳ ଗୁଜରାଟରେ ୭୮ ଜଣ ପିଲା ସଂକ୍ରମିତ ହୋଇଥିବା ବେଳେ ୨୮ ଜଣଙ୍କର ପ୍ରାଣହାନି ଘଟିଥିଲା । ତଥାପି ସେହି ସମୟରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ବାହକକୁ ଚୂଡ଼ାନ୍ତ ଭାବରେ ଦାୟୀ କରାଯାଇପାରି ନଥିଲା । ନ୍ୟାସନାଲ୍ ଜଏଣ୍ଟ୍ ଆଉଟବ୍ରେକ୍ ରେସପନ୍ସ ଟିମ୍ (ଏନଜେଓଆରଟି) ର ବିଶେଷଜ୍ଞମାନେ ଉଭୟ ୨୦୨୪ ଏବଂ ୨୦୨୬ ର ନମୁନାଗୁଡ଼ିକୁ ପରୀକ୍ଷା କରି ନିରାଶ ହୋଇଛନ୍ତି ।

ଏହି ପ୍ରାଦୁର୍ଭାବର ଅନ୍ୟ ଏକ ଉଦ୍‌ବେଗଜନକ ଦିଗ ହେଉଛି ଏହାର ଭୌଗୋଳିକ ବିସ୍ତାର। ପରିସଂଖ୍ୟାନ ଏବଂ ପୂର୍ବ ଗବେଷଣା ଅନୁଯାୟୀ, ବାଲି ମାଛି ମୁଖ୍ୟତଃ ପୂର୍ବ ଗୁଜରାଟ ଅଞ୍ଚଳରେ ସ୍ଥାନୀୟ ଭାବେ (ଏଣ୍ଡେମିକ୍) ଦେଖାଯାଆନ୍ତି। କିନ୍ତୁ ବର୍ତ୍ତମାନ ଚାନ୍ଦିପୁରା ଭୂତାଣୁ ଦ୍ୱାରା ସଂକ୍ରମିତ ରୋଗୀମାନେ ପଶ୍ଚିମ ଗୁଜରାଟର ସୌରାଷ୍ଟ୍ର ଅଞ୍ଚଳରେ ମଧ୍ୟ ଚିହ୍ନଟ ହେଉଛନ୍ତି, ଯାହାକି ଏକ ଅସ୍ୱାଭାବିକ ଘଟଣା । ଏହା ବୈଜ୍ଞାନିକମାନଙ୍କୁ ଏକ ନୂତନ ଅନୁମାନ କରିବାକୁ ବାଧ କରିଛି ଯେ, ହୁଏତ ଏହି ଭୂତାଣୁକୁ ମଣିଷ ଶରୀରକୁ ସ୍ଥାନାନ୍ତରିତ କରିବା ପାଇଁ ଏକାଧିକ ବାହକ ବା କୀଟ ସକ୍ରିୟ ଅଛନ୍ତି । ଯେହେତୁ କୀଟତତ୍ତ୍ୱବିତ୍ ମାନେ ବାଲି ମାଛିରୁ କୌଣସି ସକାରାତ୍ମକ ଫଳାଫଳ ପାଇନାହାଁନ୍ତି, ତେଣୁ ସେମାନେ ଏବେ ଏଡିସ୍ ଆଜିପ୍ଟି ଏବଂ କ୍ୟୁଲେକ୍ସ ପ୍ରଜାତିର ମଶାମାନଙ୍କ ଉପରେ ଗବେଷଣା କରୁଛନ୍ତି । ଏହା ସହିତ ଭୂତାଣୁର ପ୍ରାଣୀ ଜଳାଶୟ (ଆନିମଲ୍ ରିଜର୍ଭୟର) ଖୋଜିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି । ଆକ୍ରାନ୍ତଙ୍କ ଘର ଆଖପାଖରେ ଥିବା ଗାଈ, ମଇଁଷି ଏବଂ ଛେଳି ଆଦି ଗୃହପାଳିତ ପଶୁମାନଙ୍କର ରକ୍ତ ଏବଂ କ୍ଷୀର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି । ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ପଶୁ ରକ୍ତ ନମୁନା ଏବେ ପରୀକ୍ଷାଗାରରେ ବିଶ୍ଳେଷଣ ପାଇଁ ରଖାଯାଇଛି । ଏହିସବୁ ତଥ୍ୟରୁ ଗୋଟିଏ କଥା ସ୍ପଷ୍ଟ ଯେ ଭୂତାଣୁର ସଂକ୍ରମଣ ଚକ୍ର ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି ।

ବିଶେଷଜ୍ଞମାନେ ଏକଥା ମଧ୍ୟ ସନ୍ଦେହ କରୁଛନ୍ତି ଯେ, ଭୂତାଣୁଟି ନିଜର ଜେନେଟିକ୍ ଗଠନରେ ପରିବର୍ତ୍ତନ (ମ୍ୟୁଟେସନ୍) କରିଥାଇପାରେ । ଉଦାହରଣ ସ୍ୱରୂପ, ୨୦୦୫ ମସିହାରେ ଚିକେନଗୁନିଆ ଭୂତାଣୁ ଏକ ଛୋଟ ମ୍ୟୁଟେସନ୍ କାରଣରୁ ନିଜର ପାରମ୍ପରିକ ବାହକ ଏଡିସ୍ ଆଜିପ୍ଟିରୁ ଏଡିସ୍ ଆଲବୋପିକ୍ଟସ୍ ମଶାକୁ ସ୍ଥାନାନ୍ତରିତ ହେବାରେ ସକ୍ଷମ ହୋଇଥିଲା । ଚାନ୍ଦିପୁରା କ୍ଷେତ୍ରରେ ମଧ୍ୟ ସମାନ ଧରଣର କିଛି ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ଗାନ୍ଧୀନଗର ସ୍ଥିତ ଗୁଜରାଟ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟର୍ (ଜିବିଆରସି) ଦ୍ୱାରା କରାଯାଇଥିବା ହୋଲ୍-ଜିନୋମ୍ ସିକ୍ୱେନ୍ସିଂରୁ ଜଣାପଡିଛି ଯେ, ଏହି ଭୂତାଣୁରେ ପ୍ରାୟ ୨୯୩ ଟି ମ୍ୟୁଟେସନ୍ ବା ଜେନେଟିକ୍ ପରିବର୍ତ୍ତନ ଦେଖାଦେଇଛି । ଯଦିଓ ଏହି ପରିବର୍ତ୍ତନଗୁଡ଼ିକ ଛୋଟ ଧରଣର, ତଥାପି ଏହା ଭୂତାଣୁର ଆଚରଣ ଏବଂ ସଂକ୍ରମଣ କ୍ଷମତାକୁ ପ୍ରଭାବିତ କରିଥାଇପାରେ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି । ଏହି ଜେନେଟିକ୍ ବିଶ୍ଳେଷଣ ପ୍ରମାଣ କରୁଛି ଯେ ଭୂତାଣୁଟି ପରିବର୍ତ୍ତିତ ପରିବେଶ ସହିତ ନିଜକୁ ଖାପ ଖୁଆଇବାରେ ସକ୍ଷମ ହେଉଛି ଏବଂ ପିଲାମାନଙ୍କ ପାଇଁ ଅଧିକ ଘାତକ ସାବ୍ୟସ୍ତ ହେଉଛି।

ଚାନ୍ଦିପୁରା ଭୂତାଣୁ ବିଷୟରେ ଐତିହାସିକ ଆଲୋଚନା କଲେ ଜଣାଯାଏ ଯେ, ଏହା ପ୍ରଥମେ ୧୯୬୫ ମସିହାରେ ମହାରାଷ୍ଟ୍ରର ନାଗପୁର ଜିଲ୍ଲା ଅନ୍ତର୍ଗତ ଚାନ୍ଦିପୁରା ଗ୍ରାମରେ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନଆଇଭି) ପୁଣେ ଦ୍ୱାରା ଠାବ କରାଯାଇଥିଲା। ଡେଙ୍ଗୁ ଏବଂ ଚିକେନଗୁନିଆ ରୋଗୀଙ୍କ ନମୁନା ପରୀକ୍ଷା କଲାବେଳେ ଆକସ୍ମିକ ଭାବରେ ଏହି ନୂତନ ଭୂତାଣୁର ଆବିଷ୍କାର ହୋଇଥିଲା । ଏହା ରହବଡୋଭିରିଡେ ପରିବାରର ଭେସିକୁଲୋଭାଇରସ୍ ପ୍ରଜାତିର ଅନ୍ତର୍ଭୁକ୍ତ ଏକ ଆରଏନଏ ଭୂତାଣୁ ଅଟେ । ଏହି ଭୂତାଣୁ ମୁଖ୍ୟତଃ ମସ୍ତିଷ୍କରେ ଭୟଙ୍କର ପ୍ରଦାହ ସୃଷ୍ଟି କରେ, ଯାହାକୁ ଡାକ୍ତରୀ ଭାଷାରେ ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ୍ (ଏଇଏସ୍) କୁହାଯାଏ । ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ହଠାତ୍ ପ୍ରବଳ ଜ୍ୱର ଆସିବା, ମୁଣ୍ଡବିନ୍ଧା, ଲଗାତାର ବାନ୍ତି ହେବା, ଚେତା ହରାଇବା ଏବଂ ବାତ ମାରିବା ଅନ୍ତର୍ଭୁକ୍ତ । ଏହି ଭୂତାଣୁର ସବୁଠାରୁ ଭୟଙ୍କର ଦିଗ ହେଉଛି ଏହାର ଦ୍ରୁତ ପ୍ରସାରଣ କ୍ଷମତା, ଯେଉଁ କାରଣରୁ ଲକ୍ଷଣ ଦେଖାଦେବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ରୋଗୀ କୋମାକୁ ଚାଲିଯାଇପାରେ କିମ୍ବା ତାର ମୃତ୍ୟୁ ଘଟିପାରେ । ଐତିହାସିକ ତଥ୍ୟ ଅନୁଯାୟୀ, ୨୦୦୩-୨୦୦୪ ମସିହାରେ ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରରେ ହୋଇଥିବା ଭୟାବହ ପ୍ରାଦୁର୍ଭାବରେ ୩୦୦ ରୁ ଊର୍ଦ୍ଧ୍ୱ ପିଲାଙ୍କର ମୃତ୍ୟୁ ହୋଇଥିଲା ଏବଂ ସେତେବେଳେ ମୃତ୍ୟୁହାର ୫୬ ରୁ ୭୫ ପ୍ରତିଶତ ଥିଲା । ବର୍ତ୍ତମାନ ଉନ୍ନତ ଚିକିତ୍ସା ସୁବିଧା ଏବଂ ସହାୟକ ଯତ୍ନ ଯୋଗୁଁ ଏହି ହାର କିଛି ମାତ୍ରାରେ କମିଥିଲେ ମଧ୍ୟ ଏହା ଏବେ ବି ୩୩ ରୁ ୪୬ ପ୍ରତିଶତ ପାଖାପାଖି ରହିଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ଅଟେ।

ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଣ୍ଟିଭାଇରାଲ୍ ଔଷଧ କିମ୍ବା ଟିକା ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରି ନାହିଁ । କେବଳ ଲକ୍ଷଣ ଭିତ୍ତିକ ଚିକିତ୍ସା ଏବଂ ଠିକ୍ ସମୟରେ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ଆଇସିୟୁ) ସହାୟତା ହିଁ ରୋଗୀର ଜୀବନ ବଞ୍ଚାଇବାର ଏକମାତ୍ର ଉପାୟ । ଏହି ରୋଗ କେବଳ ୧୫ ବର୍ଷରୁ କମ୍ ପିଲାମାନଙ୍କୁ କାହିଁକି ଆକ୍ରାନ୍ତ କରୁଛି, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରେ । ବୈଜ୍ଞାନିକମାନଙ୍କ ମତରେ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ସମ୍ପୂର୍ଣ୍ଣ ରୂପେ ବିକଶିତ ହୋଇନଥିବାରୁ ଏବଂ ସେମାନଙ୍କର ସ୍ନାୟୁ ପ୍ରଣାଳୀ ଅଧିକ ସମ୍ବେଦନଶୀଳ ଥିବାରୁ ଭୂତାଣୁ ସହଜରେ ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ଏହାଛଡ଼ା ପିଲାମାନେ ବାହାରେ ମାଟିରେ ବା ଖୋଲା ସ୍ଥାନରେ ଅଧିକ ସମୟ ଖେଳୁଥିବାରୁ ସେମାନେ ସହଜରେ ବାଲି ମାଛି କିମ୍ବା ଅନ୍ୟାନ୍ୟ କୀଟ ଦଂଶନର ଶିକାର ହୁଅନ୍ତି । ସାଇଟୋକାଇନ୍ ଷ୍ଟର୍ମ ବା ଶରୀରର ପ୍ରତିରୋଧକ ବ୍ୟବସ୍ଥାର ଅତ୍ୟଧିକ ପ୍ରତିକ୍ରିୟା କାରଣରୁ ସ୍ନାୟୁ କୋଷଗୁଡ଼ିକ ନଷ୍ଟ ହୋଇଯାଏ, ଯାହା ଫଳରେ ପିଲାମାନଙ୍କର ଅକାଳ ମୃତ୍ୟୁ ଘଟିଥାଏ । ପ୍ରତିବର୍ଷ ମୌସୁମୀ ସମୟରେ ଅର୍ଥାତ୍ ଜୁନ୍ ରୁ ସେପ୍ଟେମ୍ବର ମାସ ମଧ୍ୟରେ ଏହି ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇଥାଏ, କାରଣ ଆର୍ଦ୍ର ପରିବେଶ କୀଟମାନଙ୍କର ବଂଶବୃଦ୍ଧି ପାଇଁ ଅନୁକୂଳ ହୋଇଥାଏ ।

ଏହି ସଙ୍କଟମୟ ପରିସ୍ଥିତିରେ ଭାରତର ରୋଗ ନିରୀକ୍ଷଣ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକ ସ୍ପଷ୍ଟ ବାରି ହୋଇପଡୁଛି । ନୂଆଦିଲ୍ଲୀ ସ୍ଥିତ ଇଣ୍ଟରନ୍ୟାସନାଲ୍ ସେଣ୍ଟର୍ ଫର୍ ଜେନେଟିକ୍ ଇଞ୍ଜିନିୟରିଂ ଆଣ୍ଡ୍ ବାୟୋଟେକ୍ନୋଲୋଜି (ଆଇସିଜିଇବି) ର ଭେକ୍ଟର-ବର୍ଣ୍ଣ ଡିଜିଜ୍ ବିଭାଗର ଗ୍ରୁପ୍ ଲିଡର୍ ଡକ୍ଟର ସୁଜାତା ସୁନୀଲଙ୍କ ଭଳି ବିଶେଷଜ୍ଞମାନେ ସୂଚାଇଛନ୍ତି ଯେ, ଆମର ସର୍ଭେଲାନ୍ସ ବା ନିରୀକ୍ଷଣ ବ୍ୟବସ୍ଥାର ସମୟ ଏବଂ ଗଭୀରତାରେ ବହୁତ ଅଭାବ ରହିଛି । କେବଳ ରୋଗ ବ୍ୟାପିବା ସମୟରେ ତରବରିଆ ଭାବେ ନମୁନା ସଂଗ୍ରହ କରିବା ଏକ ସଠିକ୍ ବୈଜ୍ଞାନିକ ପଦକ୍ଷେପ ନୁହେଁ । ଯେହେତୁ ବାଲି ମାଛିଙ୍କ ସଂଖ୍ୟା ମଶାମାନଙ୍କ ତୁଳନାରେ କମ୍ ଏବଂ ସେମାନଙ୍କଠାରେ ଚାନ୍ଦିପୁରା ଭୂତାଣୁର ସଂକ୍ରମଣ ହାର ମଧ୍ୟ ଅତ୍ୟନ୍ତ କମ୍ ଥାଏ, ତେଣୁ ନମୁନା ସଂଗ୍ରହର ପରିମାଣ ବହୁତ ଅଧିକ ହେବା ଆବଶ୍ୟକ । ଡେଙ୍ଗୁ କିମ୍ବା ମ୍ୟାଲେରିଆ ଭଳି କିଛି ଶହ ନମୁନା ପରୀକ୍ଷା କରି ଚୁପ୍ ବସିଗଲେ ପ୍ରକୃତ କାରଣ ଜଣାପଡିବ ନାହିଁ । ପ୍ରତିବର୍ଷ ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ, ପ୍ରାଦୁର୍ଭାବ ଥାଉ ବା ନଥାଉ, ନିରନ୍ତର ଏବଂ ଘନିଷ୍ଠ କୀଟତତ୍ତ୍ୱବିତ୍ ନିରୀକ୍ଷଣ ହେବା ନିହାତି ଜରୁରୀ ଅଟେ । ଏହା ସହିତ ମଣିଷଙ୍କ ମଧ୍ୟରେ ରୋଗ ନଥିବା ସମୟରେ ଭୂତାଣୁ କେଉଁ ପଶୁ କିମ୍ବା ପକ୍ଷୀଙ୍କ ଶରୀରରେ ସୁପ୍ତ ଅବସ୍ଥାରେ ବଞ୍ଚି ରହୁଛି, ତାର ମଧ୍ୟ ନିୟମିତ ଅନୁସନ୍ଧାନ ହେବା ଆବଶ୍ୟକ । ଯେହେତୁ ଚାନ୍ଦିପୁରା ଏକ ଭାରତ-କୈନ୍ଦ୍ରିକ ସମସ୍ୟା ଏବଂ ଏହା ଅନ୍ୟ ଦେଶମାନଙ୍କରେ ଦେଖାଯାଏ ନାହିଁ, ତେଣୁ ଏହାର ସମାଧାନ ପାଇଁ ବିଶ୍ୱ ସ୍ତରୀୟ ଗବେଷଣା ଉପରେ ନିର୍ଭର ନକରି ଆମକୁ ଆମର ନିଜସ୍ୱ ଗବେଷଣା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ପଡିବ । ସରକାରୀ ସ୍ତରରେ କେବଳ ପ୍ରାଦୁର୍ଭାବ ସମୟରେ ପାଣ୍ଠି ଯୋଗାଇଦେବା ପରିବର୍ତ୍ତେ ବର୍ଷ ତମାମ ଗବେଷଣା ପାଇଁ ଅନୁଦାନ ପ୍ରଦାନ କରିବା ଉଚିତ୍ ।

ପରିଶେଷରେ, ଗୁଜରାଟ ଏବଂ ରାଜସ୍ଥାନରେ ଚାନ୍ଦିପୁରା ଭୂତାଣୁର ବର୍ତ୍ତମାନର ସ୍ଥିତି ସମଗ୍ର ଦେଶ ପାଇଁ ଏକ ଗୁରୁତର ସତର୍କ ଘଣ୍ଟି । ବୈଜ୍ଞାନିକମାନେ ଭୂତାଣୁର ବ୍ୟାପିବା ପ୍ରକ୍ରିୟାକୁ ନେଇ ଦିଗହରା ହେବା ଏକ ସାଧାରଣ କଥା ନୁହେଁ, ଏହା ଆମର ବୈଜ୍ଞାନିକ ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଉଛି । ତୁରନ୍ତ ସମସ୍ତ ପ୍ରଭାବିତ ଅଞ୍ଚଳରେ ବ୍ୟାପକ କୀଟନାଶକ ସିଞ୍ଚନ, ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ମଶାରିର ବ୍ୟବହାରକୁ କଡାକଡି ଭାବେ ଲାଗୁ କରିବା ସହିତ ଲୋକମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ପିଲାମାନଙ୍କୁ ପୂରା ହାତ ଥିବା ପୋଷାକ ପିନ୍ଧାଇବା ଏବଂ ସନ୍ଧ୍ୟା ସମୟରେ ଘରର ଝରକା କବାଟ ବନ୍ଦ ରଖିବା ଭଳି ଛୋଟ ଛୋଟ ପଦକ୍ଷେପ ଅନେକ ଜୀବନ ବଞ୍ଚାଇପାରିବ । ଏଥିସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ପିଲାମାନଙ୍କ ପାଇଁ ଆଇସିୟୁ ଏବଂ ଭେଣ୍ଟିଲେଟର ସୁବିଧା ଥିବା ଡାକ୍ତରଖାନାଗୁଡ଼ିକୁ ସର୍ବଦା ପ୍ରସ୍ତୁତ ରଖିବାକୁ ପଡିବ। ରୋଗର ମୂଳ କାରଣ ଏବଂ ବାହକଙ୍କୁ ଚିହ୍ନଟ କରିବା ପାଇଁ ଅତ୍ୟାଧୁନିକ ଜିନୋମ୍ ସିକ୍ୱେନ୍ସିଂ ଏବଂ ପରିବେଶ ନିରୀକ୍ଷଣକୁ ଏକ ବାର୍ଷିକ ନିରନ୍ତର ପ୍ରକ୍ରିୟାରେ ପରିଣତ କରିବା ଅତ୍ୟନ୍ତ ଜରୁରୀ । ସ୍ଥାନୀୟ ପ୍ରଶାସନ, ସ୍ୱାସ୍ଥ୍ୟ କର୍ମୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ହିଁ ଏହି ମାରାତ୍ମକ ଭୂତାଣୁର ମୁକାବିଲା କରାଯାଇପାରିବ ।

# ସିନେ ପରଦାରେ ଯୁଦ୍ଧ କାହାଣୀ



## ଡାକ୍ତର ଶୁଭଶ୍ରୀ ମିଶ୍ର

ସମଗ୍ର ବିଶ୍ୱରେ ଏକ ପ୍ରକାର ଯୁଦ୍ଧମୁହାଁ ଭୟାନକ ବିଭୀଷିକା ଆଡ଼କୁ ମଧ୍ୟ ପ୍ରାଚୀର ଯୁଦ୍ଧ ବିଶ୍ୱ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଆଜି ବିଶ୍ୱର ପ୍ରତିଟି ଘରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୁଦ୍ଧ ଅର୍ଥନୀତି କାଳରାକ୍ଷାସ ପରି ଏ ସବୁ ଭିତରେ କିନ୍ତୁ ସମଗ୍ର ପୃଥିବୀରେ ଯୁଦ୍ଧ ଚଳଚ୍ଚିତ୍ର ପ୍ରତି ଦର୍ଶକଙ୍କ ଆଗ୍ରହ ଯୁବପିଢ଼ୀ ଠାରୁ ବୟସ୍କବର୍ଗଙ୍କ ସମସ୍ତଙ୍କ ଭିତରେ ରହିଛି ଏହି ଯୁଦ୍ଧ ସିନେମା ଭିତରେ ପ୍ରସଙ୍ଗ ଗୁଡ଼ିକ ଦେଶ ମାତୃପ୍ରେମ, ଅପୂର୍ବ ବୀର ସାହାସିକତା, ଭଲ ପାଇବା ଏବଂ ଯୁଦ୍ଧ ସମୟରେ ବଳୀଦାନ, ନିଜ ଆତ୍ମୀୟଙ୍କୁ ହରାଇ କିପରି ଜୀବନର ମୁହୂର୍ତ୍ତ ବଦଳିଯାଏ ଏସବୁକୁ ନେଇ ଅନେକ ସିନେମା ମୁକ୍ତିଲାଭ କରିଛି ଏବଂ ଦର୍ଶକୀୟ ଆଦୃତି ସହିତ ଭଲ ରକମର ଅର୍ଥ ରୋଜଗାର ମଧ୍ୟ କରିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଘଟଣାବଳୀକୁ ନେଇ ୧୯୯୭ରେ ବିଖ୍ୟାତ ନିର୍ଦ୍ଦେଶକ ଜେ.ପି.ଦତ୍ତା ତିଆରି କରିଥିଲେ ସିନେମା 'ବର୍ଡ଼ର'। ସେ ସମୟର ତିନି ସୁପରଷ୍ଟାର ଯଥା ସନ୍ନି ଦିଓଲ, ଜ୍ୟାକି ଶ୍ରଫ, ସୁନୀଲ ସେଟ୍ଟୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଛନ୍ତି। ସେ ସମୟରେ ଏହି ସିନେମା ବ୍ଲକବଷ୍ଟର ମର୍ଯ୍ୟାଦା ପାଇଥିଲା। ବଡ଼ଖୁସିର କଥା ଏବେ ବି ଅନେକ ସିନେମା ହଲରେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ବର୍ଡ଼ର ସିନେମା ଚାଲୁଛି।

ଏହାପରେ ଯଦିଓ ଟିକେ ବିଳମ୍ବ ହୋଇଯାଇଥିଲା ସେ ସମୟର ବଡ଼ ଚର୍ଚ୍ଚିତ ୧୯୯୯ର କାର୍ଗିଲ ଯୁଦ୍ଧକୁ ନେଇ ୨୦୦୩ରେ ମୁକ୍ତିଲାଭ କରିଥିଲା 'ଏଲଓସି କାର୍ଗିଲ'। ଏହି ସିନେମାରେ କାର୍ଗିଲ ଯୁଦ୍ଧର ବିଭିନ୍ନ ଦିଗ ବିଶେଷକରି ଆମ ବୀର ଯବାନଙ୍କର ପରାକ୍ରମୀ କୌଶଳପୂର୍ଣ୍ଣ ଅଭିଯାନ ଏବଂ ବଳୀଦାନ ଅତି ନିଖୁଣ ଭାବରେ ପ୍ରଦର୍ଶିତ ହୋଇଥିଲା। କହିବାକୁଗଲେ ବିଭିନ୍ନ ଭୂମିକାରେ ଅଜୟ ଦେବଗନ, ସଞ୍ଜୟ ଦତ, ଅଭିଶେକ ବଚ୍ଚନ, ସୁନୀଲ ସେଟ୍ଟୀ ଓ ଶୈଫଅଲ୍ଲୀ ଖାଁ ଅତି ଜୀବନ୍ତ ଅଭିନୟ କରିଥିଲେ। ଯେ.ପି. ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ସିନେମା ଆଶାତୀତ ସଫଳତା ମଧ୍ୟ ପାଇଥିଲା। ସେହିବର୍ଷ ନିର୍ମାତା ଫରହାନ ଅଖତର 'ଲକ୍ଷ୍ୟ' ସିନେମା ପ୍ରସ୍ତୁତ କରିଥିଲେ। ଏଥିରେ ରିତ୍ୱିକ ରୋଶନ ଓ ପ୍ରୀତି ଜିଣ୍ଟା ଅତି ଆକର୍ଷଣୀୟ ଭୂମିକା ନିର୍ବାହ କରିଥିଲେ। ସିନେମାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାଧାରଣ ଜୀବନ ଜୀଉଁଥିବା ଜଣେ ନିକମା ବା ଅଳସୁଆ ଯୁବକ ଜୀବନରେ କିପରି ସେନା ବାହିନୀରେ ସାମିଲ ହୋଇ ଆତଙ୍କବାଦୀଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ଭିତରେ ନିଜେ ନିଜ ଜୀବନକୁ ବଦଳାଇ ପାରୁଛି।

ଏହାପରେ ୨୦୦୬ ମସିହାରେ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧବନ୍ଦୀ ବିଶେଷକରି ପାକିସ୍ତାନଙ୍କ ହାତରେ ପଡୁଥିବା ଭାରତୀୟ ମାନଙ୍କ ଅକଥନୀୟ ଯନ୍ତ୍ରଣାର କାହାଣୀକୁ ନେଇ ସିନେମାଟି ପ୍ରସ୍ତୁତ ହୋଇଥିଲା '୧୯୭୧' ନାମରେ। ଅମୃତ ସାଗର ନିର୍ଦ୍ଦେଶିତ ଏହି ସିନେମାରେ ମନୋଜ ବାଜପେୟୀ ଓ ରବି କିଶନ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତେବେ ଏହାପରେ ବିଗ୍ ବଜେଟର ଭଲ ଆୟକାରୀ ସିନେମା ଭାବେ ୨୦୧୯ରେ ମୁକ୍ତିଲାଭ କରିଥିବା ସିନେମାଟି ଥିଲା 'ଉରି ଦ ସର୍ଜିକାଲ ଷ୍ଟ୍ରାଇକ'। ଭେଟେରାନ ଷ୍ଟାର ଭିକି କୌଶଲ ଅଭିନୀତ ଏହି ସିନେମାଟି ୨୦୧୬ ମସିହାର ଭୟାବହ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାବରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ ସଂଗଠିତ ହୋଇଥିଲା ଏହାକୁ ହିଁ ନେଇ ସିନେମାଟି ଗତିଶୀଳ। ୨୦୨୧ରେ ମୁକ୍ତିଲାଭ କରିଥିଲା ୧୯୭୧ ମସିହାର ଜଣେ ଭାରତୀୟ ବାୟସେନାର ସ୍କ୍ୱାର୍ଡ୍ରନ ଲିଡର ବିଜୟ କର୍ଣ୍ଣିକଙ୍କ ଅମାପ ଆତ୍ମ ବଳୀଦାନର କାହାଣୀ। 'ଭୁଜ ଦ ପ୍ରାଇଡ ଅଫ ଇଣ୍ଡିଆ' ନାମରେ ନିର୍ମିତ ଏହି ସିନେମାରେ ଅଜୟ ଦେବଗନ, ସଞ୍ଜୟ ଦତ୍ତ, ସୋନାକ୍ଷୀ ସିହ୍ନା ଓ ନୋରା ଫତେହୀ ଅତି ବାସ୍ତବଧର୍ମୀ ନିଖୁଣ ଅଭିନୟ କରିଥିଲେ। ଏହି ସିନେମାଟି ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପରବର୍ତ୍ତୀ ସମୟରେ ମଧ୍ୟ ମୁକ୍ତିଲାଭ କରିଥିଲା। ୨୦୨୧ ମସିହାରେ କାର୍ଗିଲ ଯୁଦ୍ଧ ଘଟଣା ଭିତରେ ଆମ ବୀର ସେନା କ୍ୟାପଟେନ ବିକ୍ରମ ବାତ୍ରାଙ୍କ ଅମାପ ଦେଶପ୍ରେମ ଓ ଜୀବନୀକୁ ନେଇ ସିନେମା ଆସିଥିଲା 'ଶେରଶାହା'। ନବାଗତ ହୋଇ ମଧ୍ୟ ଏହି ସିନେମାରେ ବିକ୍ରମ ବାତ୍ରାଙ୍କ ଭୂମିକାରେ ସିଦ୍ଧାର୍ଥ ମଲହୋତ୍ରା ଏବଂ ନାୟିକା ଭୂମିକାରେ କିଆରା ଆଡ଼ଭାନୀ ଚମତ୍କାର ଅଭିନୟ କରିଥଲେ। ବିଷ୍ଣୁବର୍ଦ୍ଧନ ନିର୍ଦ୍ଦେଶିତ ଏହି ସିନେମା ବିଗ୍ ବଜେଟର ହୋଇଥିଲେ ମଧ୍ୟ ଏହା କିନ୍ତୁ ଆଶାନୁରୂପ ଅର୍ଥ ଲାଭ କରିନଥିଲା।

ପୂର୍ବପରି ଆଉ ଯୁଦ୍ଧ ଘଟଣାକୁନେଇ ସିନେମା ପ୍ରାୟତଃ ଆସୁନାହିଁ। ୟୁଟ୍ୟୁବରେ ସର୍ଟ ଫିଲ୍ମ ଓ ବିଶେଷକରି ଆନିମେଟେଡ଼ ତଥା ଏଆଇ ସିନେମା ଯୁଦ୍ଧ ସିନେମାର ଆଗ୍ରହକୁ କମାଇ ଦେଉଛି। ଅଧିକ ଟଙ୍କା ଖର୍ଚ୍ଚ କରି ସେଟ ପ୍ରସ୍ତୁତ ଓ ଆନୁସଙ୍ଗିକ ବ୍ୟୟବୋଝ ଉଭୟ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ନିରୁତ୍ସାହିତ କରୁଛି। ତେବେ ଏସବୁ ଭିତରେ ଭାରତୀୟ ଯୁଦ୍ଧ ସିନେମା ପ୍ରତିଟି ଭାରତୀୟ ଚେତନା ଯୁବଶକ୍ତି ଓ ଦେଶପ୍ରେମ ପାଇଁ ଅମାପ ଦିଗଦର୍ଶନ ଦେଉଥିବ ଚିରକାଳ ପାଇଁ।

+ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ମୋ: ୯୮୬୧୪୬୩୪୦୬

# ପୂର୍ଣ୍ଣ ବିକାଶ ପଥରେ ଭାରତ ଓ ଓଡ଼ିଶା : ଆହ୍ୱାନ ଓ ଅଭିନନ୍ଦନ



## କବୀର କୁମାର ଜେନା

୨୦୩୬ ମସିହାରେ ଓଡ଼ିଶା ଗଠନର ଶହେ ବର୍ଷ ଅତିକ୍ରମ କରିବ। ଓଡ଼ିଶାକୁ ସର୍ବୋପରି ଭାରତକୁ ବିକଶିତ ଅଭିବୃଦ୍ଧି କରି ଅର୍ଥନୀତିକୁ ସୁଦୃଢ଼ ଓ ସ୍ଥିର ରଖିବା ପାଇଁ ବିକଶିତ ଭାରତ ୨୦୪୭ ନାମରେ ଏକ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ ହେଉଥିବାବେଳେ ଓଡ଼ିଶା ମଧ୍ୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତ ପଥରେ ତେଣୁ କହିବାକୁ ଗଲେ ଓଡ଼ିଶା ଲାଗି ଉଭୟ ୨୦୩୬ ଓ ୨୦୪୭ ଅନେକ ଗୁରୁତ୍ୱ ରଖୁଛି। ସମୃଦ୍ଧ ଭାରତ, ଓଡ଼ିଶାକୁ ବିକଶିତ ରୂପ ଦେବା ପାଇଁ ଯୋଜନାର ବ୍ୟାପକତା ଅତ୍ୟନ୍ତ ଜରୁରୀ। ଓଡ଼ିଶା ପ୍ରାଥମିକ ଭାବେ ଭିତ୍ତିଭୂମି ବିକାଶ ଠାରୁ ଆର୍ଥିକ ସଂସ୍କାର ଅନେକ କେନ୍ଦ୍ରୀୟ ଅନ୍ତର୍ଭୁକ୍ତୀ କଲ୍ୟାଣ ସହ ଦ୍ରୁତ ଶିଳ୍ପାୟନର ବ୍ୟାପକ ସମ୍ଭବ କରିବା ଲୋକକୈନ୍ଦ୍ରିକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଏଥିରେ ନବସୃଜନ, ଜଳବାୟୁର ସୁରକ୍ଷା ଓ ସ୍ଥିରତା ଭଳି ଅନେକ କ୍ଷେତ୍ର ଉପରେ ଓଡ଼ିଶା ରୋଡ଼ମ୍ୟାପରେ କେନ୍ଦ୍ରୀଭୂତ କରୁଛି। ଜନଧନ ଯୋଜନାରେ ସାଧାରଣ ନାଗରିକଙ୍କୁ ବ୍ୟାଙ୍କ ସେବା ସହିତ ଯୋଡ଼ି ରାଷ୍ଟ୍ରୀୟ ଅର୍ଥ ବ୍ୟବସ୍ଥାରେ ଅର୍ନ୍ତଭୁକ୍ତ କରିବା, ଅଧିକରୁ ଅଧିକ ଗ୍ରାମୀଣ ଘର ନିର୍ମାଣ ସହ ଦିବ୍ୟାଙ୍ଗ ଓ ଆଦିବାସୀଙ୍କ ସାମାଜିକ ସହାୟତା ଓ ଆର୍ଥିକ ଅଗ୍ରଗତି ବ୍ୟବସ୍ଥାକୁ ସୁଦୃଢ଼ ପାଇଁ ବ୍ୟାପକ ଯୋଜନାର ରୂପାୟନ ହେଉଛି। ତେବେ ଅନେକ ଠାରେ ଆଲୋଚନା ହେଉଛି ଉଭୟ ଜାତୀୟ ଓ ରାଜ୍ୟରେ ଗୋଟିଏ ସରକାର ଥିବାରୁ ଓଡ଼ିଶା ନିଶ୍ଚିନ୍ତ ବିକାଶର ସ୍ୱତନ୍ତ୍ରତା ପାଇବ। ଏମିତିରେ ଓଡ଼ିଶା ଅନେକ କ୍ଷେତ୍ରରେ ଭାରତର ବିକଶିତ ଓ ଅଗ୍ରଣୀ ରାଜ୍ୟ ତାଲିକାରେ ସାମିଲ ହେଲାଣି। ସେହିପରି ଭାରତ 'ଜାତିସଂଘ ପ୍ରଗତି ମାପକାଠି' ପରିସଂଖ୍ୟନର ସର୍ବଶେଷ ୨୦୨୫ର ସୂଚନା ଅନୁଯାୟୀ ଭାରତର ସ୍ଥାନ ୧୩୪। ଗତ ୧୧ବର୍ଷ ଭିତରେ ଅର୍ଥାତ୍ ୨୦୧୨ରୁ ୨୦୨୩ ଭିତରେ ୨୭କୋଟି ଭାରତୀୟ ନିଜ ଦାରିଦ୍ର୍ୟ ଦୁର୍ଦ୍ଦିନରୁ ବଞ୍ଚି ପାରିଛନ୍ତି ଯାହାଦ୍ୱାରା ଭାରତର ଉତ୍କଟ ଦାରିଦ୍ର୍ୟ ମୁହାଁଙ୍କ ପରିସଂଖ୍ୟନର ତଥ୍ୟର ସୂଚୀ ଅନୁଯାୟୀ ପୂର୍ବର ୨୭%ରୁ ୫ରେ ପହଞ୍ଚି ପାରିଛନ୍ତି।

ଓଡ଼ିଶାକୁ ପୂର୍ବ ଭାରତ ବିକାଶର ମୁଖଶାଳା ଭାବେ ଏକ ଘୋଷଣା ଅନେକ ଶୁଣାଯାଉଛି କିନ୍ତୁ ଏଥିପାଇଁ ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ, ପ୍ରଚୁର ପୁଞ୍ଜି ନିବେଶ ଜରୁରୀ। ଏହା ନିଶ୍ଚିନ୍ତ ଯେ ନିଜ ଅଞ୍ଚଳରେ ଆର୍ଥିକ ସୁଯୋଗ ସୃଷ୍ଟି ସହ ସ୍ଥାନୀୟ ସାଂସ୍କୃତିକ ପରିଚୟ ଓ ରାଜସ୍ୱ ସଂଗ୍ରହ ଏଥି ସହ ସ୍ଥାନୀୟ ଆବଶ୍ୟକତା ମଧ୍ୟ ପୂରଣ ହେବାର ସୁଯୋଗ ରହିବା ପାଇଁ ଓଡ଼ିଶା ଏକ ବ୍ୟାପକ ବିକଶିତ ଦୃଷ୍ଟିକୋଣର ଭିଜନ ପ୍ରସ୍ତୁତ କରୁଛି। ଏହାର ସ୍ୱତନ୍ତ୍ରତା ହେଉଛି ରାଜ୍ୟର ଏକ ଦୃଢ଼ ନିଷ୍ଠ ଲକ୍ଷ୍ୟ ଦୃଷ୍ଟିକୋଣ ଯେ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ଓଡ଼ିଶାକୁ ପହଞ୍ଚାଇବା। ବର୍ତ୍ତମାନର ଆମ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଠାରୁ ପାଖାପାଖ ୧୫ ଗୁଣା ପର୍ଯ୍ୟନ୍ତ ପହଞ୍ଚିବ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ଓଡ଼ିଶା ହେଉଛି ଅନେକ ନିୟମିତ ପ୍ରାକୃତିକ ବିପର୍ଯ୍ୟୟର ଏକ ଚିର ସହୋଦର ପରି। ତେଣୁ ଏ ଦୃଷ୍ଟିକୋଣକୁ ଦେଖି ସ୍ୱାସ୍ଥ୍ୟ ରଣନୀତି, ବିପର୍ଯ୍ୟୟ ମୁକାବିଲା ପରି ଜଳବାୟୁ ସ୍ଥିରତାକୁ ମଧ୍ୟ ଦୃଷ୍ଟିକୋଣରେ ରଖାଯିବା ଜରୁରୀ। ଭାରତର ଶ୍ରେଷ୍ଠ କୃଷି କର୍ମଣ ବା ଚାଷ ଆୟକ୍ଷେତ୍ରରେ ଅଧିକ ରୋଜଗାର ପାଉଥିବା ସାରା ଭାରତର ପାଞ୍ଚୋଟି ରାଜ୍ୟ ଭିତରୁ ଓଡ଼ିଶା ଅନ୍ୟତମ। ତେବେ ଚାଷୀ ମାନଙ୍କ ପାଇଁ ଅଧିକରୁ ଅଧିକ ଆର୍ଥିକ ସହାୟତା ଜଳସଚେତନ ବିଶେଷକରି ଡିଜିଟାଲ କୃଷିକୁ ପ୍ରୋତ୍ସାହନ ଦେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ମତ୍ସ୍ୟଚାଷ, ପଶୁପାଳନ କ୍ଷେତ୍ର ସହ ନୂଆ ମାଛଧରା ବନ୍ଦର ଏବଂ ସାମୁଦ୍ରିକ ଖାଦ୍ୟ ପାର୍କ ଯେଉଁ ଥିରୁ ରାଜସ୍ୱର ନୀଳ ଅର୍ଥନୀତିର ସମ୍ଭାବନା ରହିଛି । ଶିକ୍ଷା କ୍ଷେତ୍ରକୁ ଦେଖିଲେ ବିଦ୍ୟାଳୟର ସାର୍ବଜନୀନ ଉନ୍ନତ କ୍ଷେତ୍ର ଓ ଫଳାଫଳ ସର୍ବୋପରି ସାର୍ବଜନୀନ ଡିଜିଟାଲ ସାକ୍ଷରତା ଦିଗରେ ଆହୁରି ପ୍ରଯୁକ୍ତ ବିଦ୍ୟା ଦରକାର। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗବେଷଣା କ୍ଷମତା ବଢ଼ିବା ସହ ମେଧାବୀ ମାନଙ୍କୁ ପ୍ରୋତ୍ସାହିତ ଜରୁରୀ। ୨୦୪୭ ମସସିହାରେ ଭାରତକୁ ପୂର୍ଣ୍ଣ ବିକଶିତ ରୂପରେ ଦେଖିବା ଲାଗି ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଦେଶକୁ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାର ଯୋଜନା କରାଯାଉଛି। ଏହାର ଅଗ୍ରଗତି ଚାରିଟି ବର୍ଗର ବିକାଶ ଉପରେ ନିର୍ଭର କରିବ, ଯୁବକ, ଦରିଦ୍ର, ମହିଳା ଓ କୃଷକ ସୁତରାଂ, ଏହି ଚାରି ବର୍ଗର ଅନ୍ତର୍ଭୁକ୍ତୀକରଣ ଓ ସଶକ୍ତୀକରଣ ସର୍ବାଧିକ ଗୁରୁତ୍ୱ ବହନ କରିବ। ମହିଳା ସଶକ୍ତୀକରଣ ମଧ୍ୟ ବିକଶିତ ଭାରତର ଏକ ପ୍ରମୁଖ ଅଂଶ। ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଏକ ତୃତୀୟାଂଶ ଆସନ ଆରକ୍ଷଣ ତିନି ତଲାକ ବ୍ୟବସ୍ଥାର ଉଚ୍ଛେଦ, ଜନଧନ ଆକାଉଣ୍ଟ, ମୁଦ୍ରା ଯୋଜନା ଏବଂ ଷ୍ଟାଣ୍ଡ ଅପ ଇଣ୍ଡିଆ ଇତ୍ୟାଦି ମାଧ୍ୟମରେ ମହିଳା ମାନଙ୍କୁ ଆର୍ଥିକ ସ୍ୱାବଲମ୍ବନର ସୁଯୋଗ ଦିଆଯାଉଛି। ଯୁବପିଢ଼ୀଙ୍କ ବିକାଶ ସହିତ କ୍ରୀଡ଼ାଭିତ୍ତିଭୂମି ଉନ୍ନତ ଲକ୍ଷ୍ୟ ନେଇ ଭାରତର ସକ୍ରିୟ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶାକୁ ସ୍ଥାନିତ କରିବାର ଲକ୍ଷ୍ୟ ଜରୁରୀ। ଆଦିବାସୀ ବହୁଳ ତଥା ଉପାନ୍ତ ଅନୁନ୍ନତ ଜିଲ୍ଲାର ଫୋକସ ପ୍ରୋଜେକ୍ଟ ସମନ୍ୱିତ ଆଞ୍ଚଳିକ ବିକାଶ, ଏବଂ ପାରମ୍ପରିକ ଜ୍ଞାନର ସୁରକ୍ଷାକୁ ରାଜ୍ୟର ବିକାଶ ପ୍ରୟାସ ସହ ଯୋଡ଼ିବା ଜରୁରୀ। ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ କେବଳ ଲଗାମରେ ରଖିବା ପାଇଁ ନୁହଁ ବରଂ ବେଗବାନ କରିବା ପାଇଁ ଉତ୍ପାଦନରେ ଅଗ୍ରଗତି, ସବୁଜ ଶକ୍ତିର ବିକାଶ, କୃଷିଠାରୁ ପର୍ଯ୍ୟଟନ ବିକାଶ, ଡିଜିଟାଲ ସେବା, ଲଜେଷ୍ଟିକ୍ସ ପ୍ରକଳ୍ପରେ ଉନ୍ନତି ଓ ପରିବହନର ଗୁରୁତ୍ୱ ଆବଶ୍ୟକ। ଆମ ଦେଶ ଏହି ଶହେ ବର୍ଷ ବିକଶିତର ଗୌରବ ପାଇବା ପାଇଁ ଅନେକ ବିଶ୍ୱସ୍ତରୀୟ ଆହ୍ୱାନକୁ ମଧ୍ୟ ସାମ୍ନା କରୁଛି। ଆମ ଦେଶ ସ୍ୱାଧୀନତାର ଏକ ଗୌରବପୂର୍ଣ୍ଣ ଶହେ ବର୍ଷ ଅତିକ୍ରମ କଲାବେଳେ ଦେଶର ଶାସନ ବ୍ୟବସ୍ଥା, ସ୍ଥିରତା, ଦୃଢ଼ ଅର୍ଥନୈତିକ ଭିତ୍ତିଭୂମି, ଶାସନରେ ସ୍ଥିରତା ଓ ସୌଜନ୍ୟତା ଭଳି ଗୌରବକୁ ଗର୍ବିତ କରିବା ପ୍ରତିଟି ଭାରତୀୟଙ୍କ ଦାୟିତ୍ୱ ହେଉ ସେମାନଙ୍କ ସମୋଚିତ ଦୃଢ଼ ନିଷ୍ଠତା ଓ ଦେଶ ସେବା ପାଇଁ ସମର୍ପିତ ଭାବନା। ଏକ ସଂଯୋଗକ୍ରମେ ଠିକ ସେତିକି ବେଳକୁ ଆମ ରାଜ୍ୟ ଓଡ଼ିଶା ଗଠନ ହେବାର ଶହେ ବାରବର୍ଷରେ ପହଞ୍ଚିଥିବ। କହିବାକୁଗଲେ ପ୍ରଗତି, ବିକାଶ ଓ ସୁଶାସନ ପାଇଁ ଦୁହେଁ, ଭାରତ ଓ ବିକାଶ ଯଦି ହାତ ଧରି ବିକଶିତର ଆହୁରି ବନ୍ଧନୀକୁ ଦୃଢ଼ କରିପାରନ୍ତେ ଏହା ଏକ ପୂର୍ଣ୍ଣବିକଶିତ ଭାବନାର ଏକମାତ୍ର ଲକ୍ଷ୍ୟ ହୋଇପାରନ୍ତା। ପୂର୍ଣ୍ଣ ବିକାଶ ପଥରେ ଭାରତ ଓ ଓଡ଼ିଶାର ଉନ୍ନତିକଳ୍ପେ ସ୍ୱାଧୀନତା ଦିବସ ଅବସରରେ ସମସ୍ତଙ୍କ ପାଇଁ ଆହ୍ୱାନ ଓ ଅଭିନନ୍ଦନ।

> ଓଡ଼ିଶାକୁ ପୂର୍ବ ଭାରତ ବିକାଶର ମୁଖଶାଳା ଭାବେ ଏକ ଘୋଷଣା ଅନେକ ଶୁଣାଯାଉଛି କିନ୍ତୁ ଏଥିପାଇଁ ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ, ପ୍ରଚୁର ପୁଞ୍ଜି ନିବେଶ ଜରୁରୀ। ଏହା ନିଶ୍ଚିନ୍ତ ଯେ ନିଜ ଅଞ୍ଚଳରେ ଆର୍ଥିକ ସୁଯୋଗ ସୃଷ୍ଟି ସହ ସ୍ଥାନୀୟ ସାଂସ୍କୃତିକ ପରିଚୟ ଓ ରାଜସ୍ୱ ସଂଗ୍ରହ ଏଥି ସହ ସ୍ଥାନୀୟ ଆବଶ୍ୟକତା ମଧ୍ୟ ପୂରଣ ହେବାର ସୁଯୋଗ ରହିବା ପାଇଁ ଓଡ଼ିଶା ଏକ ବ୍ୟାପକ ବିକଶିତ ଦୃଷ୍ଟିକୋଣର ଭିଜନ ପ୍ରସ୍ତୁତ କରୁଛି। ଏହାର ସ୍ୱତନ୍ତ୍ରତା ହେଉଛି ରାଜ୍ୟର ଏକ ଦୃଢ଼ ନିଷ୍ଠ ଲକ୍ଷ୍ୟ ଦୃଷ୍ଟିକୋଣ ଯେ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ଓଡ଼ିଶାକୁ ପହଞ୍ଚାଇବା।

+ଅଣିକଣା, ବରୀ, ଯାଜପୁର
ମୋ: ୮୯୧୭୩୭୭୯୮୭




## ପ୍ରେମର ସନ୍ଧି ବିଚ୍ଛେଦ

### ସଂଜୀବ କୁମାର ଶତପଥି


ତମ ଇସାରାରେ କି ମହନି ଥିଲା କେ ଜାଣି
ମୁଁ ଅତର୍ଚ୍ଚା ହୋଇ ଦୌଡୁ ଥିଲି ତମରି ପାଖକୁ
ପ୍ରେମରେ ବି କଳଙ୍କର ଛିଟା ଥାଏ
ତମ ପ୍ରେମରୁ ଶିଖିଲି
ତମ ଆଖି ବି ମୋ ଆଖିରେ ମିଶେଇ
ଅନେକ କଥା କହିଲା
ଲାଗୁଥିଲା ଆଜି ଆମ ପ୍ରେମର ସନ୍ଧି ବିଚ୍ଛେଦ ହେବ
ମିଳନର ପର୍ବ ତନ ମନ ଦେହ ଓ ଆତ୍ମାର
ମୁଁ ମୋ ପ୍ରେମର ଗଣିତରେ ଅଙ୍କ କଷୁ କଷୁ
ବୋଧେ କେଉଁଠି ନା କେଉଁଠି ଭୂଲ ହେଇଗଲା
ସାରା ପ୍ରେମର ଅଙ୍କ ଏବେ ଭୂଲ
ମୁଁ ସେଦିନର ସେହି ଶୁଭ ମୁହୂର୍ତ୍ତରେ
ଯେତେବେଳେ ତୁମ ଓଠ ଆତୁରତା ସହ
ଉଦବେଗରେ ଉତଫୁଲିତ ହୋଇ ଆମନ୍ତ୍ରଣ
କଲା ମୋ ଓଠକୁ
ଯେମିତି ମୋ ଓଠ କିଛି କହିବାର ବାହାନାରେ ତୁମ ଓଠକୁ ଗଲା
ଅପାସୋରା ମୁହୂର୍ତ୍ତକୁ ନେଇ
ତମେ କିନ୍ତ ସବୁ ଚୁକ୍ତି କୁ ଭାଙ୍ଗି ସନ୍ଧି ବିଚ୍ଛେଦ କଲ
ଏମିତି ତମ ଓଠକୁ ବନ୍ଦୀ କଲ ଯେ
ମୁଁ ଏବେ ଜେଲ ହାଜତରେ
ଦିନରେ ତାରା ଆଉ ରାତିରେ ଜହ୍ନର ସ୍ୱପ୍ନ
ତମେ ରାତା ରାତି ପାଲଟି ଗଲ ଏକ ସଫଳ ନାୟିକା
ଆଉ ମୁଁ ଖବର କାଗଜର ବଡବଡ଼ ଅକ୍ଷରରେ ସଜାଥିବା
ଶିରୋନାମାର ମୁଖ୍ୟ ଖବର
ମୋ ଉପରେ ସଂଗୀନ ଦଫା
ମୁକୁଳିବାର ପ୍ରଶ୍ନ ନାହିଁ
ମୋ ଚରିତ୍ରକୁ ନେଇ ଚର୍ଚ୍ଚା ଦୁନିଆରେ
ଭାବୁଛି ଏଇ ଲାଲ କୋଠରୀରେ
ଜୀବନର ବାକିତକ ଆୟୁଷ କାଟିଦେବି
ପ୍ରେମରେ ସଜା ପାଇବା କମ ଲୋକର
ଭାଗ୍ୟରେ ଥାଏ
ତମେ କିନ୍ତୁ ଆଜିବି ସ୍ୱଚ୍ଛ ଓ ନିର୍ମଳ
ସତ କୁହ ସବୁ ପ୍ରେମର ବିଫଳତାରେ କଣ
ପୁରୁଷ ହିଁ ଦାୟି
ଭାବୁଛି ମୁଁ ଏବେ ସଫଳ ପ୍ରେମିକ
ତମ ପ୍ରେମର ସନ୍ଧି ବିଚ୍ଛେଦରେ



+କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
ମୋ: ୮୪୫୫୦୪୧୪୦୭

## ଶ୍ରାବଣ ସଞ୍ଜରେ

### ମୋହନ କୁମାର ସ୍ୱାଇଁ



ଶ୍ରାବଣ ସଞ୍ଜରେ ଆସେ ଯେବେ ବର୍ଷା
ରିମଝିମ୍ ତାର ରାଗେ
ସପନ ଶେଯରୁ ନୟନ ପଲକେ
ପ୍ରୀତିଫୁଲ ମନେ ଜାଗେ ।

ଭିଜା ପଣତକୁ କରାୟତ କରି
ମାପୁଥାଅ ନିଜ ଦେହ
ଆଖି ପଡ଼ିଗଲେ ସରମରେ ବେଶୀ
ଲାଜରା ଦିଶଇ ମୁହଁ ।

ମନରେ ମାନରେ ଅଜଣା ପୁଲକେ
ଫୁଲି ଉଠେ ମୋର ଛାତି
ପାଦ ଲାଗେନାହିଁ ମାଟିରେ ଟିକିଏ
ପବନେ ଉଡ଼ଇ ମତି ।

ଜହ୍ନି ଫୁଲ ଫୁଟେ ଶୁଖିଲା ବାଡ଼ରେ
ଭେକ ଦିଏ ହୁଳ ହୁଳି
ନାଲି ପାଟପିନ୍ଧି ସାଧବ ବୋଉ ଟି
ଚାଲେ ନବବଧୂ ଭଳି ।

କଦମ୍ବ କୁସୁମ ଫୁଟି ଅନୁପମ
ଭରି ଉଠେ ସାରା ଶେଯ
ବିଜୁଳି ଚମକେ ରହିରହି ଯେବେ
ବଢ଼ିଯାଏ ତୁମ ତେଜ ।

ଶ୍ରାବଣ ସଞ୍ଜରେ ଚପଳା ଛନ୍ଦରେ
ଯେତେକ ପୁରୁଣା ଛବି
ଗୋଟେଇ ଗୋଟେଇ
ସାମନାରେ ଥୋଇ
ଗଢି ଦିଏ ମୋତେ କବି ।

+ବେଣାପୁର,
କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ଟ୍ରେଟର୍ସରେ ମଲ୍ଲିକା



ମଲ୍ଲିକା ଶେରାୱତ ବଲିଉଡ୍‌ର ବୋଲ୍‌ଡ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ। ସେ ଜଣେ ମୁଖର ତଥା ସ୍ୱାଧୀନଚେତା ଅଭିନେତ୍ରୀ ବୋଲି ସମସ୍ତେ ଜାଣନ୍ତି, କିନ୍ତୁ ଖୁବ୍ କମ୍ ଲୋକ ତାଙ୍କ ଅତୀତ ବିଷୟରେ ଜାଣିଥିବେ। ଏହାର କାରଣ ହେଲା ସେ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବିଶେଷ ଆଲୋଚନା କରନ୍ତି ନାହିଁ। ପ୍ରକୃତରେ ସେ ଲୋକଲୋଚନକୁ ଆସିବା ପୂର୍ବରୁ ତାଙ୍କର ନାମ ଓ କାମ ଭିନ୍ନ ଥିଲା। ତାଙ୍କର ଅସଲ ନାମ- ରୀମା ଲାମ୍ବା। ସେ ହରିୟାଣା ଅନ୍ତର୍ଗତ ହିସାର ଜିଲ୍ଲାର ଏକ ଛୋଟ ଗ୍ରାମରେ ଜନ୍ମ ହୋଇଥିଲେ। ସେ ଅଳ୍ପ ବୟସରୁ ଧନୀ ଓ ପ୍ରସିଦ୍ଧ ହେବାର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ଏକ ବିମାନସେବା କମ୍ପାନିରେ ଏଆର ହୋଷ୍ଟେସ୍ ଭାବରେ କାମ କରୁଥିବା ବେଳେ ସେ ଦିଲ୍ଲୀର ପାଇଲଟ୍ କରଣ ସିଂହ ଗିଲ୍‌ଙ୍କ ପ୍ରେମରେ ପଡ଼ିଥିଲେ। ୧୯୯୭ ମସିହାରେ ରୀମା ମାତ୍ର ୨୧ ବର୍ଷ ବୟସରେ କରଣଙ୍କୁ ବିବାହ କରିଥିଲେ। ତେବେ ବିବାହର ବନ୍ଧନ ତାଙ୍କ ସ୍ୱାଧୀନଚେତା ବ୍ୟକ୍ତିତ୍ୱ ସହ ଖାପ ଖାଇଲା ନାହିଁ। ତାଙ୍କର ଗ୍ଲାମର ଦୁନିଆରେ ପ୍ରବେଶ କରିବାର ଇଚ୍ଛାକୁ ଶାଶୂଘର ଲୋକ ଗ୍ରହଣ କଲେ ନାହିଁ। ଏଥିପାଇଁ ତାଙ୍କ ଘରେ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଶେଷକୁ ସେ ନିଜର ମହତ୍ତ୍ୱାକାଂକ୍ଷା ପୂରଣ କରିବା ପାଇଁ ପାଇଲଟ୍ ସ୍ୱାମୀଙ୍କ ପାଖରୁ ଅଲଗା ହୋଇଗଲେ। ଏହା ପରେ ସେ ଆଉ ବିବାହ ନ କରି ବଲିଉଡ୍ କ୍ୟାରିଅର ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଅଭିନୟ ଜଗତକୁ ଆସିବା ସମୟରେ ରୀମା ଲାମ୍ବା ପାଲଟିଗଲେ ମଲ୍ଲିକା ଶେରାୱତ। ବିବାହ ବିଚ୍ଛେଦ ସମ୍ପର୍କରେ ଜାଣିଲେ କାଳେ ଅଭିନୟ କ୍ୟାରିଅର ଲାଗି ସମସ୍ୟା ହେବ, ସେ ଭୟରେ ସେ ନିଜ ଅତୀତକୁ ଗୋପନୀୟ ରଖିବାର ନିଷ୍ପତ୍ତି ନେଇଥିଲେ। ଏହା ପରେ ପ୍ରାୟ ଅଢ଼େଇ ଦଶନ୍ଧି ହେଲା ତାଙ୍କର ଅଭିନୟ କ୍ୟାରିଅର ଜାରି ରହିଛି। ଏବେ ଆମାଜନ୍ ପ୍ରାଇମ୍ ଭିଡିଓ ମଞ୍ଚରେ ପ୍ରସାରିତ ହେଉଥିବା 'ଟ୍ରେଟର୍ସ' ନାମକ ରିଆଲିଟି ସୋ'ରେ ମଲ୍ଲିକା ସାମିଲ ହୋଇଛନ୍ତି।

# ସରିଲା 'ଚୁଡ଼ୈଲ' ସୁଟିଂ



ଅଭିନେତ୍ରୀ ସନ୍ନି ଲିୟୋନ୍ ଏକ ହାସ୍ୟରସାତ୍ମକ ଭୂତ ଚଳଚ୍ଚିତ୍ରର ସୁଟିଂ ସମାପ୍ତ କରିଛନ୍ତି। ଏହି ଚଳଚ୍ଚିତ୍ରର ନାମ 'ଚୁଡ଼ୈଲ'; ନିର୍ଦ୍ଦେଶକ ଟିଏଲ୍‌ଭି ପ୍ରସାଦ। ଉତ୍ତରପ୍ରଦେଶ ରାଜ୍ୟର ବୁଲନ୍ଦସହରସ୍ଥିତ ଏକ ହବେଲିରେ ଏହି ଚଳଚ୍ଚିତ୍ରର ଅଧିକାଂଶ ଦୃଶ୍ୟ ସୁଟିଂ ହୋଇଛି। କାହାଣୀରେ ସନ୍ନିଙ୍କ ଦେହରେ ପ୍ରେତାତ୍ମା ପଶିଯାଉଛି ଏବଂ ସେ ବୁଲନ୍ଦସହରର ପୁରୁଷମାନଙ୍କୁ ହଇରାଣ କରୁଛି। ଅଭିନେତ୍ରୀ ମନ୍ଦନା କରୀମୀଙ୍କ ଚରିତ୍ର ସନ୍ନିଙ୍କ ସହିତ ଲଢୁଥିବା ଏବଂ ରାହୁଲ ଦେବଙ୍କ ଚରିତ୍ର ପ୍ରେତାତ୍ମାକୁ ତଡ଼ିବାକୁ ଉଦ୍ୟମ କରୁଥିବାର ବିଷୟବସ୍ତୁ ଏଥିରେ ଅନ୍ତର୍ଭୁକ୍ତ। ସନ୍ନିଙ୍କୁ ଏକ ଭୟଙ୍କର ଭୂତର ରୂପ ଦେବା ଲାଗି ଏଥିରେ 'ଭିଏଫ୍‌ଏକ୍ସ' ପ୍ରଯୁକ୍ତିର ବ୍ୟାପକ ଉପଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ସନ୍ନି ୨୦୧୪ରେ 'ରାଗିଣୀ ଏମ୍‌ଏମ୍‌ଏସ୍ ୨' ନାମକ ଭୂତ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯାହା ବକ୍ସଅଫିସ୍‌ରେ ସଫଳ ହୋଇଥିଲା। ଏହାପରେ ୨୦୨୨ରେ ସେ 'ଓଃ ମାଇଁ ଘୋଷ୍ଟ' ନାମକ ତାମିଲ ଭାଷାର ହାସ୍ୟରସାତ୍ମକ ଭୂତ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପ୍ରଯୋଜକ ମହେନ୍ଦ୍ର ଧାରୀୱାଲଙ୍କର ୫୦ତମ ଚଳଚ୍ଚିତ୍ର ହୋଇଥିବାରୁ 'ଚୁଡ଼ୈଲ'କୁ ଖୁବ୍ ଆଡ଼ମ୍ବର ସହିତ ମୁକ୍ତିଲାଭ କରାଇବାର ଯୋଜନା ରହିଛି। ସେପ୍ଟେମ୍ବର ଶେଷରେ ଏହା ହିନ୍ଦୀ ସମେତ ତିନିଟି ଦକ୍ଷିଣ ଭାରତୀୟ ଭାଷାରେ ମୁକ୍ତିଲାଭ କରିବ।



# ଦୀର୍ଘ ୨୪ ବର୍ଷ ପରେ ଫେରୁଛନ୍ତି ଧକଧକ୍ ଗାର୍ଲ

ବଲିଉଡର ବିଗବି ଅମିତାଭ ବଚ୍ଚନ କେବଳ ବଡ଼ ପରଦାରେ ନୁହେଁ, ଟେଲିଭିଜନରେ ମଧ୍ୟ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଗତ ଅଢ଼େଇ ଦଶନ୍ଧି ଧରି, ସେ ତାଙ୍କର କୁଇଜ୍ ସୋ, 'କୌନ୍ ବନେଗା କରୋଡ଼ପତି' ସହିତ ଦର୍ଶକଙ୍କ ମନରୋଞ୍ଜନ କରି ଆସୁଛନ୍ତି। କେବିସିର ୧୮ତମ ସିଜିନ୍ ଆରମ୍ଭ ହୋଇଛି। ଏହି ସମୟରେ ସୁପରଷ୍ଟାର ମାଧୁରୀ ଦୀକ୍ଷିତ ଦୀର୍ଘ ୨୪ ବର୍ଷ ପରେ 'କୌନ୍ ବନେଗା କରୋଡ଼ପତି'ର ମରାଠୀ ସଂସ୍କରଣରେ ଉପସ୍ଥାପିକା ଭାବେ ଫେରୁଛନ୍ତି। ଅମିତାଭ ବଚ୍ଚନ ଏହି ସୋ' ଜରିଆରେ ଦର୍ଶକଙ୍କ ଭିତରେ ଏକ ଗଭୀର ଛାପ ସୃଷ୍ଟି କରି ସାରିଛନ୍ତି। ଏହି କ୍ରମରେ ଦେଖିବାକୁ ଗଲେ ମାଧୁରୀ ଦୀକ୍ଷିତ 'କୋଣ ହୋଣାର କରୋଡପତି' ର ଅଷ୍ଟମ ସିଜିନର ଦାୟିତ୍ୱ ନେଇଛନ୍ତି। ଏହି ଭୂମିକା ପାଇଁ ସେ କୋଟି କୋଟି ଟଙ୍କାର ପାରିଶ୍ରମିକ ନେବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ନୂତନ ସିଜିନର ପ୍ରୋମୋ ରିଲିଜ୍ ହୋଇଛି। ଯେଉଁଥିରେ ମାଧୁରୀ ଦୀକ୍ଷିତଙ୍କୁ ସବୁଜ ଶାଢ଼ିରେ ଦେଖିବାକୁ ମିଳୁଛି। ଏହି ସୋ' ସୋନି ଟିଭି ଏବଂ ସୋନିଲାଇଭରେ ପ୍ରସାରିତ ହେବ।



# ଚର୍ଚ୍ଚାରେ ଆନିମଲ୍-ଟକ୍ସିକ୍ ସମାନତା

ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଟକ୍ସିକ୍'ର ଟ୍ରେଲର ମୁକ୍ତିଲାଭ କରିବା ପରେ ଏହାର ଆକ୍ସନ୍ ପରିପୂର୍ଣ୍ଣ ରୋମାଞ୍ଚଧର୍ମୀ କାହାଣୀ ସମ୍ପର୍କରେ ଦର୍ଶକଙ୍କୁ ପ୍ରାଥମିକ ଧାରଣା ମିଳିଛି। ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଅଭିନେତା ୟଶଙ୍କ ନୂଆ ଅବତାର ଚର୍ଚ୍ଚାର କେନ୍ଦ୍ରରେ ଅଛି। ତେବେ ଏ ଭିତରେ ଏକ ନିର୍ଦ୍ଦିଷ୍ଟ ଦୃଶ୍ୟ ସବୁଠାରୁ ଅଧିକ ଧ୍ୟାନ ଆକର୍ଷଣ କରିଛି- ସେଥିରେ ୟଶ ବିନା ପୋଷାକରେ ଦେଖାଦେଇଛନ୍ତି। ଏହି ଦୃଶ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ଜୋରଦାର ଆଲୋଚନା ହେଉଛି। ପୁଣି ଏହି ଆଲୋଚନାର ସବୁଠୁ ରୋଚକ ଦିଗ ହେଉଛି 'ଆନିମଲ୍' ଚଳଚ୍ଚିତ୍ରରେ ରଣବୀର କପୁରଙ୍କ ଚରିତ୍ର ସହିତ 'ଟକ୍ସିକ୍'ରେ ୟଶଙ୍କ ସେହି ଉଲଗ୍ନ ଦୃଶ୍ୟର ସମାନତା ବାରି ହୋଇପଡୁଛି। ତେଣୁ କିଛି ଲୋକ ଏହାକୁ 'ଆନିମଲ୍' ଚଳଚ୍ଚିତ୍ରର ଶସ୍ତା ନକଲ କହି ତାଚ୍ଛଲ୍ୟ କରୁଥିବା ବେଳେ ଆଉ କିଛି ଲୋକ କହୁଛନ୍ତି ଯେ ୟଶଙ୍କ ଦୃଶ୍ୟର ପ୍ରଭାବ ରଣବୀରଙ୍କ ସେହି ଦୃଶ୍ୟକୁ ଟପିଯାଇଛି। ସତ କଥା ହେଲା ଦୁଇଟି ଚଳଚ୍ଚିତ୍ରର ସମାନତା ଏତିକିରେ ଶେଷ ହୋଇ ନାହିଁ। 'ଆନିମଲ୍' ଚଳଚ୍ଚିତ୍ର ପରି 'ଟକ୍ସିକ୍'ରେ ପିତୃପ୍ରାଧାନ୍ୟ, ରକ୍ତପାତ ଓ ହିଂସା ଭଳି ବିଷୟବସ୍ତୁକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। 'ଆନିମଲ୍' ଚଳଚ୍ଚିତ୍ରକୁ ସମୀକ୍ଷକମାନେ ସମାଲୋଚନା କରିଥିଲେ ହେଁ ଏହା ବ୍ୟାବସାୟିକ ଦୃଷ୍ଟିରୁ ଖୁବ୍ ସଫଳ ହୋଇଥିଲା। ସେହି ସଫଳ ଫର୍ମୁଲାର ଅନୁକରଣ କରି 'ଟକ୍ସିକ୍'ର ନିର୍ମାତାମାନେ ମଧ୍ୟ ଭଲ ବ୍ୟବସାୟ କରିବାର ଆଶା ରଖିଛନ୍ତି। ଏହି ଚଳଚ୍ଚିତ୍ର ଆସନ୍ତା ୨୬ ତାରିଖରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ।




# ଛତ୍ରପତି ଶିବାଜୀ ମହାରାଜଙ୍କ ଜୀବନୀ ଆଧାରିତ ସିନେମା ନିର୍ମାଣ କରିବେ ନିର୍ଦ୍ଦେଶକ ଅମିତ ରାୟ

'ରୋଡ୍ ଟୁ ସଙ୍ଗମ୍', 'ଓଏମ୍ ଜି ୨' ଏବଂ 'ଓ ମାଇ ଡଗ୍' ପରେ ନିର୍ଦ୍ଦେଶକ ଅମିତ ରାୟ ଏକ ନୂତନ ଐତିହାସିକ ଚଳଚ୍ଚିତ୍ର ପ୍ରସ୍ତୁତ କରୁଛନ୍ତି। ଏନେଇ ଅଧିକ ସୂଚନା ଦେଇ ସେ ପ୍ରକାଶ କରିଛନ୍ତି ଯେ ଏହି ଚଳଚ୍ଚିତ୍ରଟି ଛତ୍ରପତି ଶିବାଜୀ ମହାରାଜଙ୍କ ଜୀବନର ଏକ ଅଂଶ ଉପରେ ଆଧାରିତ ହେବ। ସେ ଇତିହାସକାରଙ୍କ ଦୃଷ୍ଟିକୋଣ ଉପରେ ତାଙ୍କର ମତ ମଧ୍ୟ ରଖିଥିଲେ।ଅମିତ ରାୟ କହିଛନ୍ତି, 'ମୋ ପାଖରେ ଏକ ଐତିହାସିକ ଦଲିଲରୁ ଏକ କାହାଣୀ ଅଛି। ଆମେ ଆମର ନିଜ ଇତିହାସକୁ ମଧ୍ୟ ଦେଖୁନାହୁଁ କାରଣ ଆମେ ଭୁଲିଯାଉଛୁ ଯେ ଏହାକୁ କିଏ ଲେଖେ। ଦେଖନ୍ତୁ, ଯଦି ବ୍ରିଟିଶମାନେ ଜାଲିଆନାୱାଲା ବାଗର ଇତିହାସ ଲେଖନ୍ତି, ତେବେ ସେମାନେ କେବେବି ଜେନେରାଲ ଡାୟାରଙ୍କୁ ଖଳନାୟକ କରିବେ ନାହିଁ। ସେମାନେ କହିବେ ଯେ ସେ ତାଙ୍କର କର୍ତ୍ତବ୍ୟ କରୁଥିଲେ। ସେ ଲୋକମାନଙ୍କୁ ବାହାରକୁ ନ ଆସିବାକୁ କହିଥିଲେ, କିନ୍ତୁ ଯେତେବେଳେ ଲୋକମାନେ ବାହାରକୁ ଆସିଲେ, ସେ ଗୁଳି ଚଳାଇଲେ।' 'ଯଦି ଅମୃତସରର ଲୋକମାନେ ଇତିହାସ ଲେଖନ୍ତି, ତେବେ କାହାଣୀ ବଦଳିଯିବ। କିନ୍ତୁ ଯେଉଁଦିନ ଅମୃତସରର ଲୋକମାନେ ଜାଲିଆନାୱାଲା ବାଗର ଇତିହାସ ଲେଖନ୍ତି, ସେମାନେ ଏହା ଲେଖିବେ ନାହିଁ। ସେମାନେ ନିରସ୍ତ୍ର ଲୋକଙ୍କ ଉପରେ ଗୁଳି ଚଳାଇବାର କାହାଣୀ ଲେଖିବେ। ଏହା ହିଁ ବଡ଼ କଥା।' ତେବେ ଛତ୍ରପତି ଶିବାଜୀ ମହାରାଜଙ୍କ ଜୀବନୀ ଆଧାରିତ ଏହି ସିନେମାର ଶୀର୍ଷକ ସେ ଘୋଷଣା କରିନାହାନ୍ତି କି ଏଥିରେ କିଏ ଉକ୍ତ ଭୂମିକାଟି ନିଭାଇବେ ସେନେଇ କେ ?ଣସି ସୂଚନା ଦେଇନାହାନ୍ତି ନିର୍ଦ୍ଦେଶକ ଅମିତ ରାୟ।

# ଶିକ୍ଷା ହିଁ ସମାଜର ମୁଖ୍ୟ ମେରୁଦଣ୍ଡ: ଅଞ୍ଜନ ମଲ୍ଲିକ

ଓଡ଼ିଶାର ଶିକ୍ଷା, ସମାଜସେବା, ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଅଞ୍ଜନ କୁମାର ମଲ୍ଲିକ। ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଧାମରା ଠାରେ ସେ ଜନ୍ମ ଗ୍ରହଣ କରନ୍ତି। ଶ୍ରୀ ମଲ୍ଲିକ ବର୍ତ୍ତମାନ ଧାମରା ସାଇ ଅନନ୍ତ ଇଣ୍ଟର ନେସନାଲ ସ୍କୁଲରେ ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ମଲ୍ଲିକ ସର୍ବଦା କୁହନ୍ତି ଶିକ୍ଷା ହିଁ ଆମ ସମାଜର ଦର୍ପଣ ସଦୃଶ ଓ ଦେଶର ମେରୁଦଣ୍ଡ। ଶିକ୍ଷା ପାଇଁ ଆମେ ଆଜି ଉଚ୍ଚ ଶିକ୍ଷିତ ହୋଇ ପାରିଛନ୍ତି ଓ ଭଲ କାମ କରି ସୁନାମ ଅର୍ଜନ କରିଛନ୍ତି। ସମସ୍ତେ ଉଚ୍ଚ ଶିକ୍ଷିତ ହେଲେ ଏହି ରାଜ୍ୟ ଓଡ଼ିଶା ଓ ଆମ ଦେଶ ଭାରତ ବର୍ଷ ନିଶ୍ଚିତ ଉନ୍ନତିର ଚରମ ସୀମାରେ ପହଞ୍ଚି ପାରିବ। ଏଥିରେ ତିଳେହେଲେ ସନ୍ଦେହର ଅବକାଶ ନାହିଁ। ଧାମରା ଠାରେ ସାଇ ଅନନ୍ତ ଇଣ୍ଟର ନେସନାଲ ସ୍କୁଲର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକଙ୍କୁ ଶ୍ରୀ ମଲ୍ଲିକ ଆଦୌ ଭୁଲି ପାରିବେ ନାହିଁ। ବିଦ୍ୟାଳୟର ସୁନ୍ଦର ପରିବେଶ ତିଆରି କରିବା ପାଇଁ ଓ ଶହ ଶହ ଛାତ୍ର ଛାତ୍ରୀ ମାନଙ୍କୁ ସୁନ୍ଦର ଭାବରେ ଗଠନ କରିବା ପାଇଁ ଶ୍ରୀ ମଲ୍ଲିକ ଅନେକ ଉଦ୍ୟମ ଜାରି ରଖିଛନ୍ତି। ଶ୍ରୀ ମଲ୍ଲିକ ଙ୍କ ପରିବାର ସମସ୍ତେ ଉଚ୍ଚ ଶିକ୍ଷିତ




ଓ କଳା ସାହିତ୍ୟ ସଂସ୍କୃତି ପ୍ରେମୀ ମଣିଷ। ଶିକ୍ଷା ହେଉଛି ଆଲୋକ ବର୍ତ୍ତିକା। ତେଣୁ ଶିକ୍ଷା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ। ପିଲା ମାନଙ୍କୁ ପାଠ ପଢ଼ାଇବା ବ୍ୟତୀତ ସମାଜ ସେବା, ବୃକ୍ଷ ରୋପଣ, ଖେଳ,ଜନ ମଙ୍ଗଳ କାର୍ଯ୍ୟ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଶ୍ରୀ ମଲ୍ଲିକ ମନୋନିବେଶ କରନ୍ତି। ଶ୍ରୀ ମଲ୍ଲିକଙ୍କ ପ୍ରିୟ ଭାରତୀୟ ହେଉଛନ୍ତି ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ସ୍ୱାମୀ ବିବେକାନନ୍ଦ ପ୍ରଭୃତି । ଈଶ୍ୱରଙ୍କ କୃପାରୁ ଶ୍ରୀ ମଲ୍ଲିକଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ ଏବଂ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବାକୁ ଚକ୍ରାନ୍ତ ଅଭିଯୋଗ: ମୁସ୍ତାଫାପୁରର ୪ ବୁଥରେ ନିରପେକ୍ଷ ଯାଂଚ ଦାବି

ଭଦ୍ରକ,୧୩/୦୮ (ନି.ପ୍ର): ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ଧାମନଗର ରାଜନୀତିରେ ପୁଣି ତାତି ବଢ଼ିଛି। ଫର୍ମ-୭ କୁ ଆୟୁଧ କରି ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ଆଣି ବୁଧବାର ଦୋବଲ ଜୋନ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏହି ଅଭିଯୋଗର ନିରପେକ୍ଷ ତଦନ୍ତ ସହ ଭୋଟର ତାଲିକାର ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା ପାଇଁ ଦଳ ଦାବି ଉଠାଇଛି। ଦୋବଲ ଜୋନ ବିଜେଡିର ଅଭିଯୋଗ ଅନୁଯାୟୀ, ଅନ୍ୟ ପଂଚାୟତର କିଛି ଶାସକ ଦଳ ର ନେତା ଓ ସମର୍ଥକ ଅନ୍‌ଲାଇନ ମାଧ୍ୟମରେ ଫର୍ମ-୭ ଦାଖଲ କରି ଦୋବଲ ଜୋନ ଅଧୀନରେ ଥିବା ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବାକୁ ଉଦ୍ୟମ କରୁଛନ୍ତି। ଏହା ଏକ ସୁଚିନ୍ତିତ ରାଜନୈତିକ ପଦକ୍ଷେପ ବୋଲି ଦଳ ଅଭିଯୋଗ କରିଛି। ଭୋଟର ତାଲିକାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲ୍ ଭାବେ ବାଦ୍ ପଡ଼ିବା କେବଳ ଏକ ତାଲିକାଗତ ତ୍ରୁଟି ନୁହେଁ, ଏହା ତାଙ୍କର ମତଦାନ ଅଧିକାରକୁ ସିଧାସଳଖ ପ୍ରଭାବିତ କରିପାରେ। ତେଣୁ ଫର୍ମ-୭ ମାଧ୍ୟମରେ ଦାଖଲ ହେଉଥିବା ପ୍ରତ୍ୟେକ ଆବେଦନର ନିରପେକ୍ଷ ଯାଂଚ ସହ ଆବଶ୍ୟକସ୍ଥଳେ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉ ବୋଲି ଦଳ ଦାବି କରିଛି। ଏ ନେଇ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ବିଶେଷ ଭାବେ ମୁସ୍ତାଫାପୁର ପଂଚାୟତର ୧୯୩, ୧୯୪, ୧୯୫ ଓ ୧୯୬ ନମ୍ବର ବୁଥ ର ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଏହି ଚାରିଟି ବୁଥ ରେ ଭୋଟରଙ୍କ ନାମରେ ହୋଇଥିବା ପରିବର୍ତନ, ଫର୍ମ-୭ ମାଧ୍ୟମରେ ଦାଖଲ ହୋଇଥିବା ଆବେଦନ ଓ ତାହାର ଯାଂଚ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ଘରଘର ବୁଲି ଭୋଟରଙ୍କ ବାସ୍ତବ ଉପସ୍ଥିତି, ବାସସ୍ଥାନ ଓ ଠିକଣା ଯାଂଚ କରାଯାଉ ବୋଲି ଦଳ ଦାବି କରିଛି। ଏହାଦ୍ୱାରା ମୃତ, ସ୍ଥାନାନ୍ତରିତ କିମ୍ବା ଡୁପ୍ଲିକେଟ ଭୋଟରଙ୍କ ନାମ ବାଦ କରିବା ନାମରେ କୌଣସି ଜୀବିତ ଓ ଯୋଗ୍ୟ ଭୋଟରଙ୍କ ନାମ ଭୁଲରେ ବାଦ ନପଡ଼ିବ ବୋଲି ଦଳ ମତ ରଖିଛି।ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟାରେ ବିଏଲଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନେ କୌଣସି ରାଜନୈତିକ ଚାପରେ ନଆସି ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରନ୍ତୁ ବୋଲି ବିଜେଡି ଆହ୍ୱାନ କରିଛି।ଦଳୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ରୁ ୫୦୦ ଲୋକଙ୍କୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ମୁସ୍ତାଫାପୁର ପଂଚାୟତ ସରପଂଚ ଜିସ୍ମାରା ବିବି, ଧାମନଗର ଏନ୍‌ଏସି ବିଜେଡି ସଂଖ୍ୟାଲଘୁ ନେତା ମହମ୍ମଦ ଫକୀରୁଦ୍ଦୀନ, ମୁସ୍ତାଫାପୁର ବିଜେଡି ଯୁବ ପ୍ରତିନିଧି ରିୟାଜ୍ ହୁସେନ୍ ଖାନ୍ ଓ ସରପଞ୍ଚ ପ୍ରତିନିଧି ଶେଖ୍ ମୁସ୍ତାକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ତେବେ ସରକାରୀ ନୀତି ନିୟମରେ ଏହି ସରକାରୀ କାର୍ଯ୍ୟକ୍ରମ ଚାଲୁ ଅଛି ଆବଶ୍ୟକ ପ୍ରମାଣ ପତ୍ର ମାଧ୍ୟମରେ ସଂଶୋଧନ କାର୍ଯ୍ୟକ୍ରମ ହେଉଚି ଏଥିରେ ସହଯୋଗ କରିବାକୁ ବି ଏଲ ଓ ତ୍ରିଲୋଚନ ମାଝୀ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି।

# ଲଗାଣ ବର୍ଷାରେ ବେହାଲ ମୟୂରଭଞ୍ଜ: ଜଳବନ୍ଦୀ ବାରିପଦା, ଘରେ ପଶିଲା ବର୍ଷା ପାଣି

## ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି, ତଳିଆ ଅଞ୍ଚଳ ଜଳମଗ୍ନ



ବାରିପଦା ,୧୩/୦୮ (ନି.ପ୍ର): ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି ମୟୂରଭଞ୍ଜ ଜିଲ୍ଲା ତଥା ବାରିପଦାର ଅବସ୍ଥା। ବୁଧବାର ରାତିଠାରୁ ଅବିରତ ବର୍ଷା ଯୋଗୁଁ ବାରିପଦା ସହରର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି। ବିଶେଷକରି ୱାର୍ଡ ନମ୍ବର୧, ୭, ୮, ୯, ୧୭, ୧୯ ଆଦି ଅଞ୍ଚଳରେ ରାସ୍ତାଘାଟରେ ପାଣି ଜମିବା ସହ ଅନେକ ସ୍ଥାନରେ ଘର ଭିତରକୁ ମଧ୍ୟ ବର୍ଷାପାଣି ପଶିଥିବା ଜଣାପଡ଼ିଛି। ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ମଧ୍ୟ ବଢ଼ୁଥିବାରୁ ସହରର ବିଭିନ୍ନ ନାଳ ଦେଇ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି। ଫଳରେ ତଳିଆ ଅଞ୍ଚଳ ଗୁଡ଼ିକରେ ଜଳ ଜମି ରହିବା ସହ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ଅନେକ ଅଞ୍ଚଳରେ ଲୋକେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ରାସ୍ତାଘାଟରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି। କେବଳ ବାରିପଦା ନୁହେଁ, ଲଗାଣ ବର୍ଷାର ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଅଞ୍ଚଳର ଜଳବନ୍ଦୀ ଦୃଶ୍ୟ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବନ୍ୟା ପ୍ରଭାବିତ ଓ ଆଶଙ୍କା ଥିବା ଅଞ୍ଚଳଗୁଡ଼ିକ ପରିଦର୍ଶନ କରି ପରିସ୍ଥିତିର ଅନୁଧ୍ୟାନ କରିବାକୁ ତହସିଲଦାର ଓ ବିଡିଓ ମାନଙ୍କୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଗାଣ ବର୍ଷା ଜାରି ରହିଥିବାରୁ ବୁଢ଼ାବଳଙ୍ଗ ଏବଂ ଚିପଟ ନଦୀର ଜଳସ୍ତର ଅପରାହ୍ନରେ ବୃଦ୍ଧିପାଇବାରୁ ନଦୀକୁଳିଆ ତଥା ତଳିଆ ଅଞ୍ଚଳରେ ବନ୍ୟାଜଳ ଲୋକଙ୍କ ଘରେ ପ୍ରବେଶ କରିଛି। ମଧୁବନ, ଝିଞ୍ଜିରୀବନ୍ଧ, ଚିପଟ ଅସ୍ତିଆ ଆଦି ଅଞ୍ଚଳର ଲୋକମାନେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଇଥିବା ବେଳେ ପ୍ରଶାସନ ତରଫରୁ ସେମାନଙ୍କୁ ରିଲିଫ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ବର୍ଷା ଓ ବନ୍ୟା ଜନିତ ଜଳବନ୍ଦୀ ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା ବେଳେ ଅଗ୍ନିଶମ ଏବଂ ଓଡ୍ରାଫ ଟିମ ବିଭିନ୍ନ ପ୍ରକାର ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୩/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଖଡ଼ିଆଳ ଥାନା ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋସିଆଲ ମିଡିଆ ବ୍ୟବହାର ଓ ଗୋପନୀୟତା, ଆର୍ଥିକ ଠକେଇରୁ ସୁରକ୍ଷା, ଆଇନଗତ ସହାୟତା, ପାସୱାର୍ଡ ଏବଂ ଅନଲାଇନ୍ ଆକାଉଣ୍ଟ ସୁରକ୍ଷା ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଇନ୍ସପେକ୍ଟର ପ୍ରତିମା ଡୁଙ୍ଗଡୁଙ୍ଗ, ଏଏସ୍‌ଆଇ କାଶୀନାଥ ଯୋଷୀ ଓ ଆ.ଆ. କ୍ରିଷ୍ଣା ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଅନଲାଇନ୍ ଠକେଇରୁ କିପରି ସୁରକ୍ଷିତ ରହିବେ, ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନେ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିବା ବେଳେ ଅଧିକାରୀମାନେ ସେଗୁଡ଼ିକର ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଗଜେନ୍ଦ୍ର ହରିଜନ, ପ୍ରତୀକ୍ଷା ରାଣୀ ମେହେର, ପୁନମ ମାଝୀ, ପୁଷ୍ପାଞ୍ଜଳି ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଆକାଶ ପଥର ବିମାନ : ସ୍ଥଳପଥରେ ପାଇଲା ନୂଆ ଜୀବନ

## ଗିରଳ ଛକରେ ସ୍ୱପ୍ନର ପ୍ରକଳ୍ପ ପର୍ଯ୍ୟଟକଙ୍କୁ କରିବ ଆକୃଷ୍ଟ

ପୁରୀ,୧୩/୦୮ (ନି.ପ୍ର): ବିଶ୍ୱସ୍ତରରେ ପୁରୀର ଖ୍ୟାତି ବଢୁଛି। ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପୁରୀ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି । ପୁରୀରେ ହେବ ଗ୍ରୀନ ଫିଲ୍ଡ ବିମାନ ବନ୍ଦର । ଉପକୂଳ ରାଜପଥ ଆକର୍ଷଣୀୟ ହେବ । ଏହାକୁ ଆଖି ଆଗରେ ରଖି ପୁରୀକୁ ମହାନଗର ଘୋଷଣା କରାଯାଇଛି । ପିପିପି ମୁଡରେ ଅନେକ କାର୍ଯ୍ୟ ଆଗେଇ ଚାଲିଛି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀ ସାତପଡା ରାସ୍ତାର ଗିରଳ ଛକ ଠାରୁ ହୁଡକୋ ରୋଡରେ ୨ଶହ ମିଟର ପରେ ବିମାନ ରେସ୍ତୋରାଁ ଏକ ନୂଆ ପ୍ରକଳ୍ପନା କରାଯାଇଛି । ପ୍ରାୟ ୨ ଏକର ପରିମିତ ସ୍ଥାନରେ ଭିତିଭୂମିକୁ ସଜଡା ଯାଇ ଏକ ଅବ୍ୟବହୃତ ଉଡାଜାହାଜ ରଖାଯାଇ ରେସ୍ତୋରାଁ କରାଯିବ । ଗରିବ ଲୋକ ମାନେ ଉଡାଜାହାଜରେ ଉଡି ନପାରିଲେ ମଧ୍ୟ ଉଡାଜାହାଜରେ ବସି ଖାଇବାର ମଜା ନେଇପାରିବେ । ଏୟାରବସରେ ବସି ଝରକା ପଟେ ଚାହିଁ ଭୋଜନ କରିପାରିବେ ପର୍ଯ୍ୟଟକ । ଆମ୍ବ, ପଣସ ନଡ଼ିଆ ବଗିଚା ଭିତରେ ଉଡାଜାହାଜ ରହିଛି । ଉଡାଜାହାଜ ଡେଣା, ଲାଞ୍ଜ ଓ ମୁହଁକୁ ଫିଟିଙ୍ଗ କରିବା ପରେ ଏହା ସମ୍ପୂର୍ଣ୍ଣ ଉଡାଜାହାଜ ଭାବେ ଦୃଶ୍ୟମାନ ହେବ । ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଂଟର କରାଯାଇଛି । ଆଡଭେଂଚର ଥ୍ରୀଲ ସିଟି ପୁରୀ ପ୍ରୋଜେକ୍ଟ ଭାବେ ଆରମ୍ଭ ହେବ । ପ୍ରୋଜେକ୍ଟରେ ପ୍ରବେଶ କରିବା ପୂର୍ବରୁ ଟିକେଟ କରିବା ସହ ହେଲେମେଟ, ଜ୍ୟାକେଟ, ସୁରକ୍ଷିତ ଜୋତା, ହାତରେ ଗ୍ଲୋବସ ଓ ସୁରକ୍ଷା ଚଷମା ପିନ୍ଧି ପ୍ରବେଶ କରିବେ । ମନିଜୀ ଏଂଟର ପ୍ରାଇଜେସ ଏହି ଡ୍ରିମ ଆରମ୍ଭ କରିଛି। ଏଥିରେ ୱାଟରପାର୍କ ସହ ଆମୋଦପ୍ରମୋଦ ପାଇଁ ଏହା ସୁନ୍ଦର ସ୍ଥାନ ହେବ । ବିମାନ ଟି ୨୦୧୧ ମସିହାରୁ ସେବା ଯୋଗାଇ ନପାରି ପଡି ରହିଥିଲା । ବିମାନଟି ଫ୍ରାନ୍ସ ଦ୍ୱାରା ନିର୍ମିତ ହୋଇ ଭାରତରେ ପଞ୍ଜୀକୃତ ହୋଇଥିଲା । ଏହାର ନିର୍ମାଣ କ୍ରମିକ ନମ୍ବର ଏମଏସଏନ-୦୪୬। ଏହା ୧୪ ଏପ୍ରିଲ ୧୯୮୯ ରେ ମୁମ୍ବାଇ ରୁ ଦିଲ୍ଲୀ ଉଡ଼ାଣ ହୋଇଥିଲା। ପରେ ଦିଲ୍ଲୀ ରୁ ଲଣ୍ଡନ ଓ ଦିଲ୍ଲୀ ରୁ କାଠମାଣ୍ଡୁ ଯାଉଥିଲା । ଏଥିରେ ୧୪୦ ଟି ସିଟ୍ ଥିଲା । ୨ ଟି ଟର୍ବୋ ଡେଣା ଓ ଗୋଟିଏ ଲାଞ୍ଜ ରହିଥିଲା । ମୋହିତ ନାମକ ଜଣେ ବ୍ୟବସାୟୀ ଏହାକୁ ୧ କୋଟି ୫୫ ଲକ୍ଷ ଟଙ୍କା ଦେଇ କିଣିଥିଲେ । ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ ଓ ସାତପଡା ରାସ୍ତା ପାର୍ଶ୍ୱରେ ଏରୋପ୍ଲେନ ରେସ୍ତୋରାଁ ଭାବେ କାର୍ଯ୍ୟ କରିବ ।

# ବନ୍ୟା ବିପନ୍ନଙ୍କୁ ବି.ଏମ୍. ଚାରିଟେବଲ୍ ଟ୍ରଷ୍ଟ ତରଫରୁ ସହାୟତା

ଭଦ୍ରକ,୧୩/୦୮ (ନି.ପ୍ର): ସମ୍ପ୍ରତି ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳର ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ବି.ଏମ୍. ଚାରିଟେବଲ୍ ଟ୍ରଷ୍ଟ । ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପହଂଚାଇବା ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ପ୍ରଥମେ ବିଷ୍ଣୁପୁର ଅଂଚଳରେ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଥିଲା। ସେଠାରେ ପ୍ରାୟ ୨୦୦ ଜଣ ବନ୍ୟା ପ୍ରପୀଡ଼ିତଙ୍କୁ ସପ , ତକିଆ ଓ ପାଲ ଏବଂ ଚୁଡା, ଚିନି ଓ ବିସ୍କୁଟ ଭଳି ଆବଶ୍ୟକୀୟ ଶୁଖିଲା ସାମଗ୍ରୀ ପ୍ରଦାନ କରାଯାଇଛି। ବନ୍ୟା ଯୋଗୁଁ ଘରେ ରହିବା ଓ ଦୈନନ୍ଦିନ ଜୀବନଯାପନରେ ଅସୁବିଧା ଭୋଗୁଥିବା ପରିବାରଗୁଡ଼ିକ ଏହି ସହାୟତାରୁ ଉପକୃତ ହୋଇଛନ୍ତି। ଏହା ପରେ ଟ୍ରଷ୍ଟ ପକ୍ଷରୁ ନୟାନଗର ଓ ଧନାଟୋଲା ଅଂଚଳରେ ମଧ୍ୟ ବନ୍ୟା ପ୍ରପୀଡ଼ିତ ପରିବାରମାନଙ୍କୁ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଥିଲା। ବିପଦ ସମୟରେ ଅସହାୟ ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାର ଏହି ପ୍ରୟାସକୁ ସ୍ଥାନୀୟ ଲୋକମାନେ ପ୍ରଶଂସା କରିଛନ୍ତି। ଏହି ମହତ୍ କାର୍ଯ୍ୟରେ ବି.ଏମ୍. ପବ୍ଲିକ୍ ସ୍କୁଲର ଅଧକ୍ଷ ଶେଖ ଅଜିଜୁଲ୍ଲା ଙ୍କ ନେତୃତ୍ୱ ଓ ପ୍ରେରଣାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ୨/୩ ଫୁଟ ପାଣି ଭିତରେ ପଶି ବିପନ୍ନଙ୍କୁ ସହଯୋଗ କରିଥିଲେ। ଏବେବି ଅନେକ ଘର ପାଣି ଘେରରେ ଅଛନ୍ତି ଓ ଏଥିରେ ଶବାନା କାଦରୀ, ଜିନତ୍ ୟାସ୍ମିନ , ବିପ୍ଲବ ବିଶ୍ୱାସ , ଖାଲେଦା ଖାତୁନ , ଗୁଲଅପସା କାଦରୀ, ଆଫ୍ରିନ୍ କାଦରୀ , ୱାହିଦା କାଦରୀ , ରୁକ୍ସାନା ଖାତୁନ , ସୁମିତ୍ରା ବେହେରା , ଖୁସନୁମା ପର୍ଭୀନ , ଗଜାଲା ପର୍ଭୀନ , ଶବାବ୍ କାଦରୀ , ମୁସ୍କାନ୍ କାଦରୀ , ରୋହିଣୀ ଖାତୁନ, ଓ ନେୟମତ୍ ପର୍ଭୀନ ସକ୍ରିୟ ସହଯୋଗ ରହିଥିଲା।

# ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୩/୦୮ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ବିଶ୍ୱାଳ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଅରକ୍ଷୀ ବିଭାଗ, ଭଦ୍ରକର ଉପ ଅଧିକ୍ଷକ, ଅନିରୁଦ୍ଧ ମୁଦୁଲି, ଶିଶୁ କଲ୍ୟାଣ କମିଟି, ଭଦ୍ରକ ଅଧକ୍ଷ ସୁବ୍ରତ କୁମାର ବିଶ୍ୱାଳ, ଜିଲ୍ଲା ଶିଶୁ ଓ ଯତ୍ନ ବିଭାଗ, ଭଦ୍ରକର ଲିଗାଲ ପ୍ରୋବେଶନ ଅଧିକାରୀ ସୁବ୍ରତ କୁମାର ଦାସ ସ୍କୁଲ ଲିଗାଲ ଲିଟେରାସି କ୍ଲବର ଶିକ୍ଷକ, ସତ୍ୟ ସୁନ୍ଦର ସ୍ୱାଇଁ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏହି ଆନ୍ତର୍ଜାତୀୟ ଯୁବ ଦିବସ ସକାଶେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ଏହି ଦିବସର ଉଦ୍ଦେଶ୍ୟ ହେଉଛି ଯେ ସମସ୍ତ ଯୁବକ ମାନଙ୍କୁ ସମାଜର ଉନ୍ନତିରେ ସାମିଲ କରାଇ ସାମାଜିକ, ରାଜନୀତିକ, ଅର୍ଥନୀତିକ କ୍ଷେତ୍ରରେ ଯୁବ ପିଢିଙ୍କୁ ସୁଯୋଗ ଦେବା ତଥା ଯୁବ ନାଗରିକଙ୍କୁ ଅଗ୍ରାଧିକାର ଦେବା। ଏହି ଆନ୍ତର୍ଜାତୀୟ ଯୁବ ଦିବସର ଉଦ୍ଦେଶ୍ୟ ହେଉଛି ଜାଗୃତି ଯୋଜନା, ୨୦୨୫ ଅନ୍ତର୍ଗତ 'ସଶକ୍ତ ଯୁବ ସଶକ୍ତ ଭାରତ' ଥିମ୍ ଅନ୍ତର୍ଗତ ଶିଶୁ କଲ୍ୟାଣ ସଚେତନତା ଅଭିଯାନ - ଆଇନଗତ ସାକ୍ଷରତା, କିଶୋର ନ୍ୟାୟ ଏବଂ ଯୁବପିଢ଼ିଙ୍କ ପାଇଁ ନ୍ୟାୟ ପାଇବା କମିଟିକୁ ପ୍ରୋତ୍ସାହିତ କରିବା। ସର୍ବୋପରି ଅତିଥିଗଣ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତା ଦେଇଥିଲେ ଯେ ସେମାନେ ହେଉଛନ୍ତି ଆଗାମୀ ଯୁବ ସମାଜର ପିଢୀ ତେଣୁ ପଥଭ୍ରଷ୍ଟ ନ ହୋଇ ଖରାପ କାର୍ଯ୍ୟ ଠାରୁ ଦୂରେଇ ରହିବା ସହିତ ନିଶା ସେବନ ଦ୍ୱାରା କବଳିତ ଯୁବକମାନେ ଯେଉଁପରି ଭାବେ ନିଜର ତଥା ସମାଜର ଅହିତ ସାଧନ କରୁଛନ୍ତି ସେସବୁକୁ ଖରାପ ଅଭ୍ୟାସକୁ ବର୍ଜନ କରି ଏକ ଉତମ ସମାଜ ଗଠନରେ ମୁଖ୍ୟ ଭୂମିକା ତୁଲାଇବା ପାଇଁ ସଂକଳ୍ପ ନେବା। । ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ।

# ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ପୁରୀ,୧୩/୦୮ (ନି.ପ୍ର): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଂଟ ଦସ୍ତାବିଜକୁ ପୁନର୍ବାର ସମ୍ପୂର୍ଣ୍ଣ ଯାଂଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।
ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।
ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତା ଉପସ୍ଥିତ ଥିଲେ।

# ରାଇସୁଆଁ ଏୟାରଷ୍ଟ୍ରିପର ହେବ ଉନ୍ନତିକରଣ ଓ ସମ୍ପ୍ରସାରଣ

କେନ୍ଦୁଝର,୧୩/୦୮ (ନି.ପ୍ର): ଆଉ କିଛି ଦିନ ପରେ ରାଇସୁଆଁ ଏୟାରଷ୍ଟ୍ରିପ୍ର ହେ୍ବ ଉନ୍ନତିକରଣ ଓ ସମ୍ପ୍ରସାରଣ। ଏନେଇ କେନ୍ଦୁଝରବାସୀଙ୍କ ପାଇଁ ଆସିଛି ଏକ ବଡ଼ ଖୁସି ଖବର। କେନ୍ଦୁଝର ସ୍ଥିତ ରାଇସୁଆଁ ଏୟାରଷ୍ଟ୍ରିପ୍ର ହେବ ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ହେ୍ବ ଗ୍ରାମ ସଭା। ଏନେଇ ଦୁଇ ଦିନ ଜିଲ୍ଲା ପ୍ରସାଶନ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି। ରାଇସୁଆଁ ଏଆରଷ୍ଟ୍ରିପ ପାଇଁ ଗୋପୀନାଥପୁର ପଂଚାୟତର ଦୁଇଟି ଗାଁର ୬୧ ଏକର ୨୩୯ ଡିସିମିଲ ଜାଗା ଜମି ଅଧିଗ୍ରହଣ ମାଧ୍ୟମରେ ଓ ୨ଏକର ୪୪୫ ଡିସିମିଲ ଜାଗା ସରକାରୀ ଜମ1ଅଧିଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଗୋପୀନାଥପୁର ଗ୍ରାମର ୬୦ ଏକର ୧୩୮ ଡିସିମିଲ ପାଇଁ ୮୪ ଜଣଙ୍କ ଠାରୁ ଓ ସିଲିଶୁଆଁ ଗ୍ରାମର ୧ ଏକର ୧୦୧ ଡିସିମିଲ ପାଇଁ ୧୧ ଜଣଙ୍କ ଠାରୁ ଜମି ଅଧିଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ ଗ୍ରାମସଭା କରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ପୂର୍ବରୁ ରାଇସୁଆଁ ଏୟାରଷ୍ଟ୍ରିପ୍ ୩୭ ଏକର ୮୧୨ ଡିସିମିଲ୍ ଜମିରେ ନିର୍ମିତ ହୋଇଥିବା ବେଳେ ଆଗାମି ଦିନରେ ଏହାକୁ ବୀ ଟୁ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା ରଖିଛନ୍ତି। ଏହି ଏୟାରଷ୍ଟ୍ରିପ୍ର ବିକାଶ ହେଲେ କେନ୍ଦୁଝରର ବିକାଶର ନୂଆ ଦ୍ୱାର ଖୋଲିବ ବୋଲି ଆଶା କରାଯାଉଛି। ବିଶେଷକରି ବଡ଼ ବଡ଼ ଶିଳ୍ପପତି ଓ ନିବେଶକମାନେ କେନ୍ଦୁଝରକୁ ଆସିବା ପାଇଁ ଆହୁରି ସୁବିଧା ପାଇବେ। ଏପର୍ଯ୍ୟନ୍ତ ଭୁବନେଶ୍ୱରରେ ବିମାନରୁ ଓହ୍ଲାଇ ସଡ଼କପଥରେ ଦୀର୍ଘ ଯାତ୍ରା କରି କେନ୍ଦୁଝର ଆସିବାକୁ ଅନେକ ଶିଳ୍ପପତି ଓ ନିବେଶକ ଅସୁବିଧାଜନକ ବୋଲି ମନେ କରୁଥିଲେ। ତେଣୁ କେନ୍ଦୁଝରକୁ ଅଧିକ ଶିଳ୍ପ ଓ ନିବେଶ ଆଣିବା ପାଇଁ ଏୟାରଷ୍ଟ୍ରିପ୍ର ବିକାଶ ନିହାତି ଜରୁରୀ। କିନ୍ତୁ ଏହାର ଲାଭ କେବଳ ଶିଳ୍ପ କ୍ଷେତ୍ରରେ ସୀମିତ ରହିବ ନାହିଁ। କେନ୍ଦୁଝର ମେଡିକାଲ କଲେଜ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ମଧ୍ୟ ଏହା ନୂଆ ଗତି ଦେଇପାରେ। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ବଡ଼ ବଡ଼ ବିଶେଷଜ୍ଞ ଡାକ୍ତରମାନେ କେନ୍ଦୁଝରକୁ ଆସି ଶିକ୍ଷା, ଗବେଷଣା ଓ ଚିକିତ୍ସାସେବା ଦେବା ପାଇଁ ଆଗ୍ରହୀ ହେବେ ବୋଲି ଆଶା ବଢ଼ିଛି। ଏହା ସହ ପର୍ଯ୍ୟଟନ, ବ୍ୟବସାୟ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ କେନ୍ଦୁଝରକୁ ମିଳିପାରେ ନୂଆ ସୁଯୋଗ। ରାଇସୁଆଁ ଏୟାରଷ୍ଟ୍ରିପ୍ର ଉନ୍ନତିକରଣ କେନ୍ଦୁଝରର ଆର୍ଥିକ ଓ ସାମାଜିକ ବିକାଶରେ ଏକ ମାଇଲଖୁଂଟ ହେବ ବୋଲି ଆଶା କରିଛନ୍ତି ଅଂଚଳବାସୀ। କେନ୍ଦୁଝରର ବିକାଶ ପାଇଁ ଏହି ପଦକ୍ଷେପକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଦେଖାଦେଇଛି ଉତ୍ସାହ। ଏୟାରଷ୍ଟ୍ରିପ୍ର ବିକାଶ ସହ କେନ୍ଦୁଝର ଆକାଶପଥରେ ଯୋଡ଼ି ହୋଇ ଆହୁରି ଦ୍ରୁତ ଗତିରେ ଆଗକୁ ବଢୁ- ଏହା ହିଁ ଏବେ କେନ୍ଦୁଝରବାସୀଙ୍କ ଆଶା।

# ଜୁଆ ଆଡ୍ଡାରେ ଚଢ଼ାଉ: ୪ ଜଣଙ୍କୁ ବାନ୍ଧିଲା ରେଙ୍ଗାଲି ଥାନା ପୋଲିସ

ସମ୍ବଲପୁର, ୧୨, ଅଗଷ୍ଟ (ହି.ସ.) - ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ପୋଲିସ ଦୀର୍ଘ ଦିନଧରି ମାଛ ବଜାର ଅଂଚଳରେ ଲୁଚା ଚୋରାରେ ଚାଲୁଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ରେଙ୍ଗାଲି ଥାନାରେ ୧୭୦/୨୬ ରେ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁସାରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଏକ ଗୁପ୍ତ ସୂଚନା ଆଧାରରେ ରେଙ୍ଗାଲି ଥାନା ଆଇଆଇସିଙ୍କ ନିର୍ଦ୍ଦେଶରେ ନିକଟସ୍ଥ ମାଛ ବଜାରରେ ଚଢ଼ାଉ କରିଥିଲେ। ସେଠାରେ ୪ ଜଣ ଜୁଆଡି ତାସ ଖେଳରେ ଟଙ୍କା ଲଗାଇ ଜୁଆ ଖେଳୁଥିବା ବେଳେ ସମସ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ନୂତନ ଶିଳ୍ପାୟନର ବିକାଶପାଇଁ ଅଣ୍ଟା ଭିଡ଼ିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି ,୧୩/୦୮ (ନି.ପ୍ର): ଧାନ, ପାନ ଓ ମୀନରେ ସ୍ୱାତ୍ୟନ୍ତତା ରଖିଥିବା ବାଲେଶ୍ୱର ଜିଲ୍ଲାରେ ଶିଳ୍ପାୟନର ବିକାଶପାଇଁ ଅଣ୍ଟା ଭିଡିଛନ୍ତି ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଏନେଇ ଅଗଷ୍ଟ ୧୨ତାରିଖରେ କେନ୍ଦ୍ର ଭାରୀଶିଳ୍ପ ମନ୍ତ୍ରୀ ଏଚ. ଡି କୁମାରସ୍ୱାମୀଙ୍କ ସହିତ ଏକ ସଫଳ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର ଲୋକସଭାକ୍ଷେତ୍ରରେ ଶିଳ୍ପବିକାଶ ସହିତ ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟିକରିବା ଉପରେ ଗୁରୁତ୍ୱଆରୋପ କରାଯାଇଥିଲା। ଭାରତକୁ ଆଗାମୀ ୨୦୪୭ମସିହା ସୁଦ୍ଧା ବିକଶିତଭାରତରେ ପରିଣତ କରିବାକୁ ଲକ୍ଷ୍ୟରଖିଥିବା ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନକୁ ପରିପୂର୍ଣ୍ଣ କରିବାକୁ ହେଲେ ସମଗ୍ରଦେଶ ସହିତ ବାଲେଶ୍ୱରରେ ମଧ୍ୟ ଶିଳ୍ପାୟନ ଜରୁରୀ ବୋଲି ଉଭୟନେତା ଆଲୋଚନା କରିଥିଲେ। ବାଲେଶ୍ୱର ସହର ଏବଂ ଏହାର ଆଖପାଖରେ ଗଢିଉଠିଥିବା ଯୋଗ୍ୟ ଶିଳ୍ପାନୁଷ୍ଠାନ ଗୁଡ଼ିକର ଆଧୁନିକୀକରଣ ଏବଂ ପ୍ରଯୁକ୍ତିଗତ ଉନ୍ନତୀକରଣ କରିବା ସହିତ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିସହ ବାଲେଶ୍ୱର ସଂସଦୀୟକ୍ଷେତ୍ରରେ ନୂତନ ଭାରୀଶିଳ୍ପ ପ୍ରତିଷ୍ଠା କରିବାକୁ ଅନୁରୋଧକରି ଅଧିକାରୀ ସ୍ତରରେ କର୍ଯ୍ୟାନ୍ୱୟନ୍ କରିବାକୁ ବୈଠକରେ ଆଲୋଚନା କରିଥିଲେ। ତେବେ ବୈଠକ ଏକ ସକାରାତ୍ମକ ଥିଲାବୋଲି ସାଂସଦ ପ୍ରତାପ କହିଛନ୍ତି। ତେଣୁ ଖୁବଶୀଘ୍ର ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଦୃତ ଶିଳ୍ପାୟନର ଆଉ ଏକ ମଜବୁତ ଭିତ୍ତିଭୂମି ପଡ଼ିଥିବା ସାଧାରଣରେ ଆଲୋଚନା ହେଉଛି।

# ଶକ୍ତିଶ୍ରୀ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ

## ଏବେ ମଧ୍ୟ ମହିଳାମାନେ ବିତାଉଛନ୍ତି ପରାଧୀନ ଜୀବନ : ପ୍ରମିଳା ପଣ୍ଡା




ଉଦଳା , ୧୩/୮ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ଥିବା ଶକ୍ତିଶ୍ରୀ ବିଭାଗ ତରଫରୁ ଚଳିତ ଅଗଷ୍ଟ ୧୨ ତାରିଖ ବୁଧବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ, ସ୍ୱାଧିନତାର ଦିର୍ଘ ୮୦ ବର୍ଷ ବିତିଯାଇଥିଲେ ମଧ ଆଜିବି ଆମଦେଶର ମହିଳା ମାନେ ପରାଧିନ ଜୀବନ ବିତାଉଛନ୍ତି, ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବ୍ୟକ୍ତକରିଥିଲେ । କନ୍ୟାଭ୍ରୃଣହତ୍ୟା ଠାରୁ ଆରମ୍ଭ କରି ମହିଳା ମାନଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାର ଅବିଚାର କରଯାଉଥିବାର ଦୃଶ୍ୟ ବହୁଳ ଭାବରେ ଆଜିବି ଦେଖିବାକୁ ମିଳୁଛି ବୋଲି କହିଥିଲେ । ଶକ୍ତିଶ୍ରୀ ବିଭାଗ ଦାୟିତ୍ୱରେ ଥିବା ଅଧାପିକା କୁମକୁମ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ମଂଜୁଳା କଲିଆ, ଅମିତା ଦାସ, ସୁଧାରାଣି ବେହେରା ପ୍ରମୁଖ ଲୋକସଭା ଓ ବିଧାନସଭା ନିର୍ବାଚନରେ ମହିଳା ମାନଙ୍କ ପାଇଁ ସଂରକ୍ଷଣ ବିଲ ପାସ କରିବାକୁ ସରକାର ଉଦ୍ୟମ କରୁଛନ୍ତି, ଏହିବିଲ ପାସ ହେଲେ ଗଣତନ୍ତ ମନ୍ଦିରର ସୌନ୍ଦର୍ଯ୍ୟ ବହୁଗୁଣିତ ହେବ ବୋଲି ବକ୍ତବ୍ୟରେ କହିଥିଲେ । ଅଧାପକ ବିବେକାନନ୍ଦ ଦାସବାବୁ ଆଜିର ଏହି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଚାଲିଥିବା ସଚେତନତା ପର୍ବର ଯବନିକା ପକାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପକ ରବିନାରାୟଣ ମହାପାତ୍ର, ରାଜକିଶୋର ବେହେରା, ଗିରିଜା ଶଙ୍କର ପାତ୍ର, ଅଧାପିକା ପ୍ରଣତି ରାଜ ଓ ମେରିନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଲଘୁଚାପ ପ୍ରଭାବରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା

## ପାଣି ଘେରରେ ଥିବା ବିଭିନ୍ନ ପଂଚାୟତର ସ୍ଥିତି ପରିଖିବା ସହିତ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୩/୮ (ନି.ପ୍ର): ଦୁଇ ସପ୍ତାହ ତଳର ଲଘୁଚାପ ଜନିତ ଲଗାଣ ବର୍ଷାର ଚିହ୍ନ ଲିଭି ନଥିବା ବେଳେ ପୁଣି ଏକ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଦହଗଞ୍ଜ ହୋଇପଡିଛନ୍ତି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତର ଜନସାଧାରଣ । ତେବେ ଚଳିତ ବର୍ଷାରେ ଅଧିକ ପ୍ରଭାବିତ ହୋଇଥିବା କସିପଦା, ରୁପସା, ଆଙ୍କୋ ଓ ରାଇସୁଆଁ ପ୍ରଭୃତି ପଂଚାୟତରେ ବର୍ଷାପାଣି ନିଷ୍କାସିତ ହୋଇ ନପାରି ନାହିଁ ନଥିବା ସମସ୍ୟା ସୃଷ୍ଟି କରିଛି । ଚାରୋଟି ପଂଚାୟତରେ ଏକ ପ୍ରକାର ବନ୍ୟା ଦେଖା ଦେଇଥିବା ବେଳେ ଜଳବନ୍ଦୀ ହୋଇ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି ଅନେକ ପରିବାର । ଜଳ ଘେରରେ ଥିବା ଗ୍ରାମଗୁଡିକରେ ପହଂଚି ଲୋକଙ୍କୁ ଆଶ୍ୱସ୍ତି ଦେବା ନେଇ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି କ୍ରମରେ ବିଧାୟକ ଶ୍ରୀ ଦତ୍ତ ସକାଳେ ପ୍ରଥମେ କସିପଦା ପଂଚାୟତର ପାଣି ଘେରରେ ଥିବା ବିଭିନ୍ନ ଅଂଚଳର ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି । ଏହା ସହିତ ଜନସାଧାରଣଙ୍କ ନିମନ୍ତେ ଉପୁଜିଥିବା ବିଷମ ପରିସ୍ଥିତିର ଆଶୁ ଲାଘବ ନେଇ ସେ ଆଲୋଚନା କରିଥିଲେ । ପରେ ରୁପସା, ଆଙ୍କୋ, ରାଇସୁଆଁ ପ୍ରଭୃତି ପଂଚାୟତ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ପୂର୍ବକ ଘରକୁ ଘର ବୁଲି ବିଧାୟକ ଶ୍ରୀ ଦତ୍ତ ଲୋକଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଚାରୋଟି ପଂଚାୟତରେ ବର୍ଷା ଜଳ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ପୁନର୍ବାସର ସ୍ଥିତି ଅନୁଧ୍ୟାନ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଏହି ପରିଦର୍ଶନ ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ବନ୍ୟା ପିଡିତଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ରିଲିଫ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ବନ୍ୟା ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରହିବା ଏବଂ ସମସ୍ତ ପ୍ରକାର ସହାୟତା ପହଂଚାଇବା ପାଇଁ ଆମେ ସଦା ତତ୍ପର ରହିଛୁ ବୋଲି ସେ କହିଛନ୍ତି ।

## ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ କୋର୍ଟ ବର୍ଜନ

ଖଇରା, ୧୩/୮ (ନି.ପ୍ର): ଜଳେଶ୍ୱର କୋର୍ଟର ଜଣେ ଆଇନଜୀବୀଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ଖଇରା ବାର ଏସୋସିଏସନ ର ସଭାପତି ଗୋପାଳ ରାୟ ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟ ମାନେ ଗୁରୁବାର କୋର୍ଟ କାର୍ଯ୍ୟ ବର୍ଜନ କରିଛନ୍ତି । ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତଥା ଆଇନଜୀବୀ ନିରାପତ୍ତା ଆଇନ ଲାଗୁପାଇଁ ଦାବି କରାଯିବା ସହ ଏ ସଂକ୍ରାନ୍ତରେ ଏକ ସ୍ମାରକ ପତ୍ର ଜୁଡିସିଆଲ ମାଜଷ୍ଟ୍ରେଟଙ୍କ ମାଧ୍ୟମରେ ଜିଲା ଜଜଙ୍କୁ ପ୍ରଦାନ କରାଯାଇଛି । ବାର ଏସୋସିଏସନର କର୍ମକର୍ତ୍ତା । ବିଜୟକୃଷ୍ଣ ମହାପାତ୍ର,ପ୍ରହଲ୍ଲାଦ ପତି, କ୍ଷିରୋଦ ମହାନ୍ତି, ସନାତନ ନନ୍ଦ, ରମେଶ ଚନ୍ଦ୍ର ପାଢୀ, ଉମେଶ ଦାସ, ବନମାଳି ସେଠୀ,ଦେବେନ୍ଦ୍ର ନାୟକ, କେଶବ ଚନ୍ଦ୍ର ଦାସ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଉପରୋକ୍ତ ପ୍ରତିବାଦରେ ସାମିଲ ଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ହର ଘର ତିରଙ୍ଗା' ଶୋଭାଯାତ୍ରା ଆୟୋଜିତ




ବାରିପଦା , ୧୩/୮ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ 'ହର ଘର ତିରଙ୍ଗା' ଅଭିଯାନ ଅବସରରେ ଏକ ବିଶାଳ ତିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଉଜ୍ଜୀବିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଳ ଲୋଚନ ବାରିକ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ପ୍ରିୟ ରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳଙ୍କ ସମେତ ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧାପକ, କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଏମ୍‌ପିସି ସ୍ୱୟଂଶାସିତ କଲେଜ, ଏମ୍ ସିଏଏମ୍ କଲେଜ, ବାରିପଦା କଲେଜରୁ ଆସିଥିବା ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଯୋଗଦେଇଥିଲେ । ହାତରେ ତିରଙ୍ଗା ଧରି ଛାତ୍ରଛାତ୍ରୀମାନେ ଦେଶପ୍ରେମମୂଳକ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ 'ହର ଘର ତିରଙ୍ଗା'ର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଜାତୀୟ ଏକତା ଓ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ଏହି ଶୋଭାଯାତ୍ରା ଦେଶପ୍ରେମର ଉତ୍ସାହ ଓ ଜାତୀୟତାବାଦୀ ଭାବନାରେ ପରିପୂର୍ଣ୍ଣ ହୋଇଉଠିଥିଲା । କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ଭୂମିକା ବିଶେଷ ଭାବେ ପ୍ରଶଂସିତ ହୋଇଥିଲା ।

# ବିପଦ ସଙ୍କେତ ଉର୍ଦ୍ଧ୍ୱରେ ଜଳକା: ଭୟଭୀତ ଅଞ୍ଚଳବାସୀ




ବସ୍ତା, ୧୩/୮ (ନି.ପ୍ର): ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ଆଜି ପୁଣି ଜଳକାନଦୀରେ ବନ୍ୟାଜଳ ବିପଦ ସଂଙ୍କେତ ଉର୍ଦ୍ଧରେ ପ୍ରବାହିତ ହେଉଛି ।ମଥାନୀ ଠାରେ ଆଜି ସକାଳେ ୬.୨୪ଥିବାସ୍ଥଳେ ୮ଟାରେ ୬.୩୪ ସକାଳ ୧୧ଟା ରେ ୬.୬୦ମିଟର ପ୍ରବାହିତ ହେଉଛି ।ସଧ୍ୟା ୬ଟା୩୩ମିନିଟସମୟରେ ୬.୭୦ମିଟର ରେ ବନ୍ୟାପାଣି ପ୍ରବାହିତ ହେଉଛି । ତେବେ ପ୍ରତି ମିନିଟକୁ ବନ୍ୟାପାଣି କ୍ଷିପ୍ର ବେଗରେ ବଢିଚାଲିଛି । ବାହାଦା ଚଟାଣ ରେ ୪ଫୁଟ ପାଣି ଚାଲିଛି । ଯାତାୟତ ଠପ ହୋଇଯାଇଛି । ଦୁଧହଂସା ପଞ୍ଚାୟତ ସୁନ୍ଦର ହତା ନଳବାହାର ପାଇକପଡା ଦୁଲାରବାଟି ଜନ୍ତିକାପାଳ ପଳାସିଆ ରାଉତପଡା ରେ ବନ୍ୟାପାଣି ପ୍ରବାହିତ ହେଉଛି । ପଡୋଶି ଜିଲ୍ଲା ମୟୂରଭଞ୍ଜ ଚକସୂଳିଆପଦା ମୋରଡା ରାସଗୋବିନ୍ଦ ପୁର ରେ ଅନବରତ ବର୍ଷା ଲାଗିରହିଥିବାବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ଦୁଇଦିନଧରି ଲଗାଣବର୍ଷା ଲାଗିରହିଛି । ଯାହାଫଳରେ ଜଳକାନଦୀରେ ବନ୍ୟା ରୁଦ୍ର ରୂପ ଧାରଣ କରିଛି । ଆଜି ରାତି ସୁଧା ଅନେକ ଗାଁ ସାହିରେ ପାଣି ପଶିବା ସୂଚନା ପାଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ।୩୦ଦିନରୁ ଉର୍ଦ୍ଧ ଜଳକାର ବନ୍ୟାପାଣି ଚାଷ ଜମିରୁ ନିଷ୍କାସନ ହୋଇ ପାରିଲା ନାହିଁ ।ଚାଷୀମାନେ ୩ଥର ରୁ ଉର୍ଦ୍ଧ ଧାନ ବିହୋନ ବୁଣିଥିଲେ ମଧ୍ୟ ହଜାର ହଜାର ହେକ୍ଟର ଜମି ରେ ବିହୋନ ପଚିଯାଇଛି ।ଚାଷୀ ମାନଙ୍କ ପାଖରେ ଆଉ ବିହୋନ ନାହିଁ ।ବର୍ଷକ ତମାମ କିପରି ପରିବାର ପ୍ରତିପୋଷଣ କରିବେ ଏହିଚିନ୍ତା ଘାରିଛି ଅଞ୍ଚଳ ବାସୀଙ୍କୁ । ପୁଣି ଜଳକାନଦୀର ଦୁଇପାର୍ଶ୍ୱ ଭେଡିବନ୍ଧ ଦୁର୍ବଳ ଥିବାରୁ ବାହାର୍ଦ୍ଧା ପଞ୍ଚାୟତ ତାପଣ୍ଡା ମେଳକ କୁଡିଆ ପଞ୍ଚାୟତ ପେଗରପଡା ଧଳସାହି ବେଗୁନିଆ .ମଥାନୀ ପଞ୍ଚାୟତର ମଥାନୀ ସାମଲ ସାହି ଶିବଗଡିଆ ଲକ୍ଷ୍ମଣାପଡା ସାନଖୁଡି .ବଡଖୁଡି ଧାନହଣ୍ଡା ପୋଡାପୁଡା. ଅଞ୍ଚଳ ବାସୀ ଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ବସ୍ତା ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସଜାଗ ରହିବା ନଜରକୁ ଆସିନାହି ।

# ବାଲେଶ୍ୱର ବାରବାଟୀ ୮୦ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ୨୪ ନମ୍ବର ୱାର୍ଡରେ ତ୍ରିରଙ୍ଗା ପତାକା ବିତରଣ



ବାଲେଶ୍ୱର, ୧୩/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମ୍ୟୁନିସପାଲିଟି ଅଧୀନରେ ଥିବା ୱାର୍ଡ ନମ୍ବର ୨୪ ରେ ୮୦ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ତ୍ରିରଙ୍ଗା ପତାକା ବିତରଣ ବିଜେପିର ନାରୀ ନେତ୍ରୀ ଆଶା ଲତା ବାଡ଼ି, ନାରୀନେତ୍ରୀ ଆଶ୍ରିତା ତରେଇ ୱାର୍ଡ ସଭାପତି ଅଶୋକ ଦାସ, ପୂର୍ବତନ କାଉନସିଲର ସନ୍ଧ୍ୟା ରାଣୀ ମାଝୀ, ବିଜେପିର ଶୁଶାନ୍ତ ବାରିକ , ମଞ୍ଜୁଲତା ମହାଳିକ, ନିରଞ୍ଜନ ମହାରଣା ,ଜୟନ୍ତ କର , ଅନନ୍ତ ସିଂହ, ଟୁନୁସାହୁ, ଗୀତାଞ୍ଜଳି ସିଂ, ବସନ୍ତ ମାଝି, ରାଜେନ୍ଦ୍ର କୁମାର ସିଂ, ଅନିତା ଚୌଧୁରୀ ପ୍ରମୁଖ ୨୪ ନମ୍ବର ୱାର୍ଡରେ ବାରବାଟୀ ବାଲିଘାଟ ରୁ ଆରମ୍ଭ କରି ଓଲୋନ୍ଦାଜ୍ ସାହି , କୁଠି ବାଡ଼ି , ଦିନାମାର ଡିଙ୍ଗା କୁ ଯାଇ ଘର ଘର ବୁଲି ୮୦ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ, ଘରର ମୁରବୀ ଓ ମାଆ ଭଉଣୀମାନଙ୍କୁ ତ୍ରିରଙ୍ଗା ପତାକା ଦେବା ସହିତ ସ୍ୱାଧୀନତା ଦିବସ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏଭଳି କାର୍ଯ୍ୟକ୍ରମକୁ ବାରବାଟି ୨୪ ନମ୍ବର ୱାର୍ଡର ବୁଦ୍ଧିଜୀବୀ, ଗ୍ରାମବାସୀ ଏବଂ ବିଜେପିର ଏଭଳି କାର୍ଯ୍ୟ କଳାପକୁ ଖୁବ୍ ପ୍ରଶଂସା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଡିଜିପି ଚୟନରେ ରୋକ୍ ଲଗାଇଲେ...

ସୂଚନାଯୋଗ୍ୟ, ନୂଆ ଡିଜିପି ଚୟନ ବୈଠକରେ ଯୋଗ ଦେବା ପାଇଁ ମୁଖ୍ୟ ସଚିବ ଅନୁ ଗର୍ଗ, ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସମେତ ରାଜ୍ୟ ସରକାରଙ୍କ ଏକ ଟିମ୍ ମଧ ଦିଲ୍ଲୀ ଗସ୍ତ କରିଥିଲେ । ଡିଜି ଶ୍ରୀ ଖୁରାନିଆଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୬ତାରିଖରେ ଶେଷ ହେଉଛି । ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ରାଜ୍ୟର ପୁଲିସ ଡିଜି ଚୟନ ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି ।

### ଲଗାଣ ବର୍ଷାରେ ...

ଉଦଳା ଓ କେନ୍ଦୁଝର ଜିଲ୍ଲା ହାଟଡିହି ଅଞ୍ଚଳରେ ବି ଜଳ ଲୋକଙ୍କ ପାଇଁ ଯନ୍ତ୍ରଣା ପାଲଟିଛି । ବିଭିନ୍ନ ସ୍ଥାନରେ ପୋଲ ବୁଡ଼ିବା ଯୋଗୁ ଗମନାଗମନ ବାଧାପ୍ରାପ୍ତ ହୋଇଛି । କେବଳ ଉପକୂଳ ଅଞ୍ଚଳ ନୁହେଁ, ଖଣି ଅଞ୍ଚଳ ବି ଜଳମଗ୍ନ । ଦେଖନ୍ତୁ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଖଣି ଅଞ୍ଚଳର ଏ ଦୃଶ୍ୟକୁ । ଜଳଘେରରେ ସମ୍ପୂର୍ଣ୍ଣ କୋଇଡ଼ା, ଶତାଧିକ ଘର ବୁଡ଼ିଗଲାଣି, ଗୃହବନ୍ଦୀ ଭଳି ରହୁଛନ୍ତି ଶତାଧିକ ପରିବାର । ଗତରାତିରୁ ଜାରି ରହିଛି ବାଦଲଫଟା ବର୍ଷା । ଆଉ ସକାଳ ହେବା ବେଳକୁ ଏଭଳି ଅବସ୍ଥା । ପାହାଡ଼ ଉପରୁ ମାଡ଼ି ଚାଲିଛି ନାଲି ରଙ୍ଗର ବର୍ଷାଜଳ । ଆର୍ଯ୍ୟନବସ୍ତି, ମାଲଦା, ପାଟମୁଣ୍ଡା, କେରକେଟା ସାହି, ଗୋପପୁରସାହି ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଛି ।ଉପକୂଳ ହେଉ କି ପଶ୍ଚିମ ଓଡ଼ିଶା ।

### ଶେଷ ହେଲା ସଂସଦର...

ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ବିଲ୍ ୪ ମିନିଟ୍ ଏବଂ ଏମ୍‌ଏସ୍‌ଏମ୍‌ଇ ସଂଶୋଧନ ବିଲ୍ ମାତ୍ର ୩ ମିନିଟ୍‌ରେ ପାରିତ ହୋଇଥିଲା । ଏହି ଅଧିବେଶନରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଅଯୋଧା ରାମମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗ ବିରୋଧୀଙ୍କ ପ୍ରମୁଖ ପ୍ରସଙ୍ଗ ହୋଇଥିଲା । ଛାତ୍ରଙ୍କ ବିରୋଧରେ ଦିଲ୍ଲୀରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିଲେ । ଅମିତ ଶାହ ବୁଧବାର ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ଏବଂ ବିରୋଧୀଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବେ ବୋଲି କହିଥିଲେ । କିନ୍ତୁ ବିରୋଧୀ ଏହି ପ୍ରସ୍ତାବକୁ ଗ୍ରହଣ ନ କରି ତାଙ୍କ ଇସ୍ତଫା ଦାବି କରିଥିଲେ । ରାହୁଲ ଗାନ୍ଧୀ ପୁଲିସ କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ବୋଲି ପ୍ରଶ୍ନ କରିଥିଲେ ।

### ୨୬୬ ଦିନ ସମୁଦ୍ରରେ ...

ନେଇ ପ୍ରଶ୍ନ ଉଠାଇଥିଲେ । ସୂଚନା ଅନୁସାରେ, ୨୧ ନଭେମ୍ବର ୨୦୨୫ରେ ଜାହାଜଟି ସାନ୍ ଡିଏଗୋରୁ ବାହାରିଥିଲା । ପ୍ରଥମେ ଏହା ପ୍ରଶାନ୍ତ ମହାସାଗର ଅଭିମୁଖେ ଯାଉଥିଲା । ପରେ ଆମେରିକା-ଇରାନ ସଂଘର୍ଷ ମଧ୍ୟରେ ଏହାକୁ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ପଠାଯାଇଥିଲା । ଏହି ସମୟରେ ସୈନିକମାନେ ସ୍ଥଳଭାଗରେ ମାତ୍ର ଦୁଇ ଦିନ ରହିବାର ସୁଯୋଗ ପାଇଥିବା ଦାବି ହୋଇଛି । ପ୍ରଥମେ ମେ' ମାସରେ ମୁତୟନ ଶେଷ ହେବାର ଯୋଜନା ଥିଲା । କିନ୍ତୁ ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହାକୁ ବାରମ୍ବାର ବଢ଼ାଯାଇଥିବା କୁହାଯାଉଛି । ତେବେ ଏହି ରିପୋର୍ଟକୁ ନେଇ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଆପତ୍ତି ଉଠାଇଛନ୍ତି ।

### ୬୦୦ ଆନ୍ଦୋଳନକାରୀଙ୍କ...

ଯେଉଁ ସମୟରେ ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାଳନା, ୱାଟର କ୍ୟାନନ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲେ । ଏହି ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପରବର୍ତ୍ତୀ ସମୟରେ ବିଜେପି ପକ୍ଷରୁ ସମଗ୍ର ରାଜ୍ୟରେ ବନ୍ଦ ପାଳନ କରାଯାଇଥିଲା । ଅପରପକ୍ଷରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ବୁଧବାର ଚେତାବନୀ ଦେଇ କହିଛନ୍ତି ଯେ ଯଦି ଏକ ସପ୍ତାହ ମଧ୍ୟରେ ସିବିଆଇ ତଦନ୍ତ ଦାବି ପୂରଣ କରାନଯାଏ, ତେବେ ସେ ଆମରଣ ଅନଶନ କରିବେ ।

# ସାଇ ଅନନ୍ତ ଇଣ୍ଟର ନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା




ବାସୁଦେବପୁର, ୧୩/୮ (ନି.ପ୍ର): ଶିକ୍ଷା ହେଉଛି ସମାଜର ଦର୍ପଣ ସଦୃଶ । ଏହି ଶିକ୍ଷାକୁ ଆଗେଇ ନେବା ପାଇଁ ସୁନ୍ଦର ପରିବେଶ ମଧ୍ୟରେ ଧାମରାରେ ପ୍ରତିଷ୍ଠା ହୋଇଛି ସାଇ ଅନନ୍ତ ଇଣ୍ଟର ନେସନାଲ ସ୍କୁଲ୍ । ନିକଟରେ ଏହି ସ୍କୁଲରେ ଛାତ୍ର ଛାତ୍ରୀ ମାନେ ଖୁବ୍ ସୁନ୍ଦର ରେଜଲ୍ଟ କରି ଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଛି । ଚଳିତ ବର୍ଷ ୨୦୨୬ ରେ ମାଟ୍ରିକ ପରୀକ୍ଷାରେ ୯୫.୪ ଶତକଡା ନମ୍ବର ରଖି ଛାତ୍ର ଛାତ୍ରୀ ମାନେ ସଫଳତା ହାସଲ କରିଛନ୍ତି । ନର୍ସରୀ ରୁ ଆରମ୍ଭ ହୋଇ ଏଠାରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଚାଲିଛି । ଏହି ବିଦ୍ୟାଳୟରେ ଅଧକ୍ଷ ଅଛନ୍ତି ଅଞ୍ଜନ କୁମାର ମଲ୍ଲିକ । ଏହି ବିଦ୍ୟାଳୟର ପ୍ରତିଷ୍ଠାତା ହେଉଛନ୍ତି ସ୍ୱର୍ଗତ ଅନନ୍ତ କୁମାର ଜାନା । ଏହି ସ୍କୁଲରେ ପାଠ ପଢା ବ୍ୟତୀତ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଖେଳ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ପ୍ରତ୍ୟେକ ବର୍ଷ ଏହି ସ୍କୁଲରେ ରାକ୍ଷୀ ସମ୍ପର୍କରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥାଏ । ଭାରତୀୟ ସୈନ୍ୟ ମାନଙ୍କ ପାଇଁ ଏହି ସ୍କୁଲର ଛାତ୍ର ଛାତ୍ରୀ ମାନେ ରାକ୍ଷୀ ପଠାଇ ଥାଆନ୍ତି ଓ ସଚେତନତାର ବାର୍ତ୍ତା ପ୍ରଚାର କରିଥାନ୍ତି । ପାଠ ପଢା ବ୍ୟତୀତ ଏହି ସ୍କୁଲରେ ବୃକ୍ଷ ରୋପଣ, ଯୋଗ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥାଏ । ଶିକ୍ଷା ହେଉଛି ଦେଶର ମେରୁଦଣ୍ଡ । ଶିକ୍ଷା ସମସ୍ତଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥାଏ । ତେଣୁ ସମସ୍ତେ ଉଚ୍ଚ ଶିକ୍ଷିତ ହେବା ଆବଶ୍ୟକ । ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ଗୁଣାତ୍ମକ ଶିକ୍ଷାର ଅଧିକ ଆବଶ୍ୟକତା ରହିଛି ବୋଲି ବିଦ୍ୟାଳୟର ଅଧକ୍ଷ ଶ୍ରୀ ଅଞ୍ଜନ କୁମାର ମଲ୍ଲିକ ମତ ପ୍ରକାଶ କରିଥିଲେ । ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସମ୍ବର୍ଦ୍ଧିତ ହୋଇ ଥିବାରୁ ସେମାନଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଅଭିନନ୍ଦନ ଜଣାଇଛନ୍ତି ।

# ବୈଶିଙ୍ଗା ଅଞ୍ଚଳରେ ଗତ ରାତି ବାଦଲ ଫଟା ବର୍ଷା ଜନଜୀବନ ବେହାଲ

## ବୈଶିଙ୍ଗ-ରୁପ୍ସା ରାସ୍ତାରେ ଦୁଇଟି ଘାଇ, ବଡଗୁମା-ରୁପ୍ସା ରାସ୍ତା ବିଚ୍ଛିନ୍ନ



ବୈଶିଙ୍ଗା , ୧୩/୮ (ନି.ପ୍ର): ଗତକାଲି ବୁଧବାର ରାତିଠାରୁ ମୂଷଳଧାରାରେ ବର୍ଷା ବର୍ଷିବା ଯୋଗୁଁ ହଜାର ହଜାର ଏକର ଚାଷ ଜମିରେ ଜଳ ବିଭିଷିକା ଯୋଗୁଁ ବୈଶିଙ୍ଗା -ମହୁରୀ - କଦଳୀଆ- ପଣସିଆ-ଆଠବାଟିଆ-ଦୂର୍ଗାପୁର ଆଦି ଅଞ୍ଚଳ ଜଳାନ୍ନବ ହୋଇ ଏକ ସମୁଦ୍ରର ଭ୍ରମ ସୃଷ୍ଟି କରିଛି । ବୈଶିଙ୍ଗା -ରୁପ୍ସା ରାସ୍ତାର ଉପର ପାର୍ଶ୍ୱର ପାଣି କଦଳୀଆ ଭିଲା ନିକଟରେ ତଳକୁ ଅତିକ୍ରମ କରୁଥିବାରୁ ଅତ୍ୟଧିକ ଜଳ ସ୍ରୋତ ପାଇଁ ପ୍ରାୟ ୩୦ ଫୁଟରୁ ଅଧିକ ପିଚୁ ରାସ୍ତା ଗୋଟିଏ ପାଖ ଖାଇ ଯାଇ ବିଶାଳ ଗର୍ତ୍ତ ସୃଷ୍ଟି କରିଛି । ରାସ୍ତା ଉପରେ ତିନି ଫୁଟ ରୁ ଅଧିକ ଉଚ୍ଚ ର ପାଣି ପ୍ରବାହିତ ହେବା ଯୋଗୁଁ ଦିବା ୧୧ ଘଟିକା ପର୍ଯ୍ୟନ୍ତ ଯାନ ବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ବର୍ଷା ଛାଡିବା ପରେ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ତୁରନ୍ତ ମରାମତି କରି ଯାତାୟତ ର ସୁବିଧା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ରାସ୍ତାର ବଙ୍ଗାଳି ଡାହି ନିକଟରେ ମଧ୍ୟ ଆଉ ଏକ ୩୦/୪୦ ଫୁଟର ଘାଇ ହୋଇଯାଇଥିବାର ମଧ୍ୟ ଦେଖିବାକୁ ମିଳିଥିଲା । ବେତନଟୀ ବ୍ଲକ୍ ଉପାଧ୍ୟକ୍ଷ ଦେବବ୍ରତ ତିଆଡି ଏହି ଅଞ୍ଚଳ ବୁଲି ଦେଖିବା ସହିତ ତୁରନ୍ତ ରାସ୍ତା ମରାମତି କରିବାକୁ ସହକାରୀ ଯନ୍ତ୍ରୀ ଶ୍ରୀ ମହାନ୍ତି ଙ୍କୁ କହିବା ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ର ସୁବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ସେହିପରି ପଣସିଆ- ଝିଙ୍କିରିଆ ଆର ଡି ରାସ୍ତାର ବଡଗୁମା ଠାରୁ ରୁପ୍ସା ଜଙ୍କସନ୍ କୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ସଂପୂର୍ଣ୍ଣ ଧୋଇ ଯିବା ସହିତ ପୂରା ଜଳାନ୍ନବ ହୋଇ ଯାଇଛି । ଫଳରେ ରୁପ୍ସା ରେଳ ଷ୍ଟେସନ୍ କୁ ଯିବା ପାଇଁ ରାସ୍ତା ବନ୍ଦ ହୋଇ ଯାଇଛି । ଏହି ରାସ୍ତା ଉପରେ ଏକ ଉଚ୍ଚତମ ସେତୁର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ମାନେ ପ୍ରଶାସନ ନିକଟରେ ବହୁବାର ଦାବି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରି ନାହିଁ । ବର୍ଷାଋତୁ ପରେ ପ୍ରଶାସନ ଏହି ସେତୁ ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

ଶୁକ୍ରବାର, ଅଗଷ୍ଟ ୧୪, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଆପାଳ , ୧୩/୮ (ନି.ପ୍ର): ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଶକ୍ତିଶ୍ରୀ ପକ୍ଷରୁ ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଛଅ ଦିନିଆ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର କଲେଜ ପରିସରରେ ଉଦଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରାଜକିଶୋର ବାରିକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନାର ଏସଆଇ ଶୁଭସ୍ମିତା ପାଳ ଯୋଗଦେଇ ଆତ୍ମ ସୁରକ୍ଷା ପାଇଁ ପ୍ରଥମେ ନିଜ ସ୍ୱାସ୍ଥ୍ୟର ଯତ୍ନ, ଏବଂ ଦୃଢ଼ ମନୋବଳର ଆବଶ୍ୟକତା ରହିଛି ବୋଲି ଛାତ୍ରୀ ମାନଙ୍କୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କରାଟେ ପ୍ରଶିକ୍ଷିକା ଅନାମିକା ପ୍ରଧାନ, କଲେଜର ଅଧ୍ୟାପକ ସୁଧିର କୁମାର ନନ୍ଦ, ଡ ଲକ୍ଷ୍ମୀକାନ୍ତ ରଥ , କୃଷ୍ଣାନନ୍ଦ ପାତ୍ର ବନମାଳୀ ପରିଡା ,ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶକ୍ତିଶ୍ରୀର ସଂଯୋଜିକା ଅଧପିକା ସରୋଜିନୀ ପରିଡା ଧନ୍ୟବାଦ୍ ଅର୍ପଣ କରିଥିଲେ। କଲେଜ ତରଫରୁ ଶିବିରରେ ଭାଗ ନେଇଥିଲେ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।




# ରଘୁପୁର ମଣ୍ଡଳ ପକ୍ଷରୁ ବିଶାଳ ଶୋଭାଯାତ୍ରା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ବୈଶିଙ୍ଗା, ୧୩/୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ମଣ୍ଡଳ ପକ୍ଷରୁ ବୁଧବାର ବିଶାଳ ତ୍ରୀରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ନିର୍ବାଚନ ମଣ୍ଡଳୀ ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ । ଏହା ସହିତ ଶତାଧିକ ଦଳୀୟ କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ସ୍କୁଲର ଛାତ୍ରାଛାତ୍ରୀ ଏବଂ ଜନସାଧାରଣ




ପ୍ରମୁଖ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ରାଲି ରଘୁପୁର ମଣ୍ଡଳ ଅଧୀନ ଖୁଣ୍ଟାପୁର ଶିବମନ୍ଦିର ନିକଟରୁ ବାହାରି ପଣସିଆ ବଜାର ସହିତ ଆଖପାଖ ଗ୍ରାମ ଗୁଡିକରେ ପରିକ୍ରମା କରିଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିଲେ ।

# ଜଳ ନିଷ୍କାସନର ବ୍ୟବସ୍ଥା କରୁନି ଆନନ୍ଦପୁର ଡିଭିଜନ: ସମସ୍ୟାରେ ୩୦ରୁ ଉର୍ଦ୍ଧ୍ୱ ଚାଷୀ

ଖଇରା, ୧୩/୮ (ନି.ପ୍ର): ଜଳସେଚନ ବିଭାଗ ଆନନ୍ଦପୁର ଡିଭିଜନର ଖଇରା ସବଡିଭିଜନ ଅଧୀନ ମିଟୁଆଣି ମାଗୁରଗଡିଆ ନିକଟସ୍ଥ ପାପୁଡିଆ ସାହି ନିକଟରେ ନବ ନିର୍ମୀତ ସାଇଫୁନକୁ ଠିକ ଢଙ୍ଗରେ ନିର୍ମାଣ କରାଯାଇନଥିବାରୁ ୩୦ଜଣ ଚାଷୀଙ୍କର ୫୦ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ଯେଉଁଥିପାଇଁ ଶ୍ରାବଣ ମାସ ଅତିକ୍ରାନ୍ତ ହୋଇଥିଲେ ବି ଚାଷୀ ମାନେ ଠିକ ଭାବେ ଚାଷ କାର୍ଯ୍ୟକରି ପାରୁନାହାଁନ୍ତି । ତୁରନ୍ତ ଜଳସେଚନ ବିଭାଗ ସାଇଫୁନ ଦେଇ ଆସୁଥିବା ଜଳସ୍ରୋତକୁ



ଅନ୍ୟଦିଗରେ ପ୍ରବାହିତ ନକଲେ ସମୂହ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ମିଟୁଆଣି, କାକୁଡିଆ ଓ ମାହାରାସାହି ଗ୍ରାମର ଚାଷୀ ରବିନ୍ଦ୍ର ନାୟକ, ଉପେନ୍ଦ୍ର ଲେଙ୍କା, ଶୈଳେନ୍ଦ୍ର ଲେଙ୍କା, ଜିତେନ୍ଦ୍ର ଲେଙ୍କା, ନୃସିଂହ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି । ପୂର୍ବରୁ ଉପରମୁଣ୍ଡରୁ ବିଭିନ୍ନ ନାଳ ଦେଇ ଆସୁଥିବା ବର୍ଷାଜଳ ବିଭିନ୍ନ ଧାରଦେଇ ନଦୀରେ ମିଶୁଥିଲା । ଏବେ ଆମ୍ବହତା କେନାଲର ୧୬ରୁ୨୨କିମି କେନାଲ ନିର୍ମାଣ ପରେ ପାପୁଡିଆ ସାହି ନିକଟରେ ଜଳ ନିଷ୍କାସନ ଲାଗି ଏକ ସାଇଫୁନ ନିର୍ମାଣ କରାଯାଇଥିଲା । ହେଲେ ଠିକ ଢଙ୍ଗରେ ନିର୍ମାଣ କରାନଯିବା ତଥା ସାଇଫୁନର ମୁହଁକୁ ପରିଷ୍କାର କରାଯାଇନଥିବାରୁ ଏହାର କୁପରିଣାମ ୩୦ରୁଉର୍ଦ୍ଧ ଚାଷୀଙ୍କୁ ଭୋଗିବାକୁ ପଡୁଛି । ଚାଷ ଜମିରେ ପାଣି ଲହଡି ମାରୁଥିବାରୁ ତଳି ନଷ୍ଟ ହେବା ସହ ରୁଆପୋତା କାମ ସମ୍ଭବ ହୋଇ ପାରୁନାହିଁ । ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ଜେନାଙ୍କ ପ୍ରତିକ୍ରିୟା ନେବାରେ ମିଟୁଆଣି ଓ କାକୁଡିଆ ୨ଗ୍ରାମବାସୀଙ୍କର ସହମତି ଅଭାବରୁ ଜଳନିଷ୍କାସନ କରିବାରେ ବିଭାଗ ପାଇଁ ଅଡୁଆ ପରିସ୍ଥିତି ଉପୁଜିଛି । ତଥାପି ଖବଶୀଘ୍ର ଜଳନିଷ୍କାସନର ବ୍ୟବସ୍ଥା ପାଇଁ ଉଦ୍ୟମ କରାଯାଉଛି ।

# ବାଲେଶ୍ୱରରେ ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ୬୯ତମ ଜୟନ୍ତୀ ପାଳିତ

## ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତଃ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ହେଲା ସାମୁହିକ ମାଲ୍ୟାର୍ପଣ, ହସପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ

ବାଲେଶ୍ୱର, ୧୩/୮ (ନି.ପ୍ର): ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ସଭାପତି ତଥା ସଦର ନିର୍ବାଚନମଣ୍ଡଳୀର ଦିବଂଗତ ବିଧାୟକ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ)ଙ୍କ ୬୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ସହରର ଓଟି ରୋଡ଼ର ଶୋଭାରାମପୁର ଛକରେ ସ୍ଥାପିତ ସ୍ୱର୍ଗତଃ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ସଦର ବିଧାୟକ




ତଥା ସ୍ୱର୍ଗତଃ ଦତ୍ତଙ୍କ ସୁପୁତ୍ର ମାନସ କୁମାର ଦତ୍ତ ପିତାଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତଃ ଦତ୍ତଙ୍କ ଭଳି ଜଣେ ଅଦ୍ୱିତୀୟ ନେତା ଜନସେବା ପାଇଁ ଯେଉଁ ପ୍ରକାର ମାର୍ଗ ଦର୍ଶନ କରିଯାଇଛନ୍ତି ତାହା ସମସ୍ତଙ୍କ ପାଇଁ ସଦା ସର୍ବଦା ପ୍ରେରଣାଦାୟୀ ହୋଇ ରହିଛି । ସମାଜପ୍ରତି ତାଙ୍କର ବଳିଷ୍ଠ ଅବଦାନକୁ ଚିରକାଳ ଅମର ରଖିବା ପାଇଁ ତାଙ୍କୁ ଭଲ ପାଉଥିବା ବ୍ୟକ୍ତିମାନେ ସର୍ବଦା ସେବା ଓ ସମର୍ପଣ କାର୍ଯ୍ୟକ୍ରମ ଜାରି ରଖିବାକୁ ବିଧାୟକ ମାନସ ଦତ୍ତ ଆହ୍ୱାନ ଦେଇଥିଲେ । ମଙ୍ଗୁ ଭାଇ ସ୍ମୃତି କମିଟିର ସଦସ୍ୟ ବୃନ୍ଦ ମଙ୍ଗୁଭାଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ରାଷ୍ଟ୍ରହିତୈଷୀ, କର୍ମଠ, ଓ ଦରଦୀ ମଣିଷ ଭାବେ ପରିଚିତ ସ୍ୱର୍ଗତ ମଙ୍ଗୁଭାଇ ଜୀବନ ତମାମ ବିପଦରେ ପଡିଥିବା ଗରିବଙ୍କ ସାହାଯ୍ୟ ପାଇଁ ଆଗେଇ ଆସୁଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ତୃଣମୂଳସ୍ତରରେ ଥିବା ଗରିବଙ୍କ ସେବାରେ ନିୟୋଜିତ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ପରେ ସ୍ମୃତି କମିଟି ସଦସ୍ୟ ସଦସ୍ୟାମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

# ବିଲକୁ ଯାଇଥିବାବେଳେ ଭାଲୁ ଆକ୍ରମଣରେ ୨ ଗୁରୁତର

ନୀଳଗିରି, ୧୩/୮ (ନି.ପ୍ର): ଗୁରୁବାର ସକାଳେ ବିଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି।ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦ୍ୱାରିକା ଗାଁର ପୁର୍ଣ୍ଣଚନ୍ଦ୍ର ବାରିକଙ୍କ ପୁଅ ଦୀଲ୍ଲିପ କୁମାର ବାରିକ (୩୫) ଘରପାଖ ଚାଷଜମିକୁ ଯାଇଥିବା ବେଳେ ୩ଟି ଭାଲୁ ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦୀଲ୍ଲିପ ଗୁରୁତର ଆହତ ହୋଇଥିବା ବେଳେ ଅନୁରୂପଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁନିଆପାଟଣା ଗାଁର ଅରୁଣ ଦଳେଇର ସ୍ତ୍ରୀ ସୁକାନ୍ତି ଦଳେଇ(୪୫) ଘରପାଖ ଚାଷଜମିକୁ ଯାଇଥିବା ବେଳେ ଗୋଟିଏ ଭାଲୁ ଆକ୍ରମଣ କରିଥିଲା। ଉଭୟ ଗୁରୁତରଙ୍କୁ ପ୍ରଥମେ ନୀଳଗିରି ମେଡିକାଲକୁ ଅଣାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲେନ୍ସ ଯୋଗେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

# ବୁଢ଼ାବଳଙ୍ଗରେ ଦ୍ୱିତୀୟ ବନ୍ୟା : ଜିଲ୍ଲା ପ୍ରଶାସନର ପରିସ୍ଥିତି ସମୀକ୍ଷା

ବୈଶିଙ୍ଗା, ୧୩/୮ (ନି.ପ୍ର): ବୁଢ଼ାବଳଙ୍ଗ ନଦୀ ଅବବାହିକାରେ ପ୍ରଥମ ବନ୍ୟା ଜଳ ସଂପୂର୍ଣ୍ଣ ଛାଡି ନ ଥିବା ବେଳେ ବୁଧବାର ରାତି ୧୦ ଘଟିକାରୁ ଗୁରୁବାର ପ୍ରାତଃ ୧୦ ଘଟିକା ପର୍ଯ୍ୟନ୍ତ ୧୨ଘଣ୍ଟା ଧରି ମୁଷଳ ଧାରାରେ ବର୍ଷା ଲାଗି ରହିଥିବାରୁ ଉପର ମୁଣ୍ଡ ର ପାଣି ସହିତ ଗ୍ରାମାଞ୍ଚଳର ବର୍ଷ ପାଣି ବନ୍ୟା ସୃଷ୍ଟି କରିଦେଇଛି, ଆଜି ଦିନ ତମାମ ଶିମିଳିପାଳ ଅଞ୍ଚଳରେ ବର୍ଷାର ପରମାଣ ଅତ୍ୟଧିକ ଥିବାରୁ ଶୁକ୍ରବାର ସକାଳ ସୁଦ୍ଧା ବନ୍ୟା ଭୟଙ୍କର ରୂପ ନେବାର ଆଶଙ୍କା କରାଯାଇଛି, ଏହି ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ , ବେତନଟୀ ତହସିଲଦାର,



ବିଡିଓ, ଏସଡିପିଓ, ଏପଟେ ବଡସାହି ବିଡିଓ, ତହସିଲଦାର ତଥା ଅନ୍ୟାନ୍ୟ ସରକାରୀ କର୍ମଚାରୀ ଗଣ ବୈଶିଙ୍ଗା ଥାନା ଅଧିନ ନାଖରା ପୋଲ ନିକଟରେ ପହଞ୍ଚି ବନ୍ୟା ସମୀକ୍ଷା କରିବା ସହିତ ବେଲାଣ ପୁରା ବାତ୍ୟା ଆଶ୍ରୟସ୍ଥଳୀ ରେ ବନ୍ୟା ପ୍ରପୀଡିତ ଙ୍କ ପାଇଁ ରହିବା ଏବଂ ରନ୍ଧା ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରାଇ ଥିବାର ଜଣାଯାଇଛି । ପାଟଳିପୁରା ପଞ୍ଚାୟତର ନାଖରା, ଢେଁଫୌଦା, ଖଣ୍ଡଦେଉଳା , ଦେଓପଡା, କୁଡିମୁଣ୍ଡା ଆଦି ତଳିଆ ଅଞ୍ଚଳର ପ୍ରପୀଡିତଙ୍କୁ ଥଇଥାନ କରାଯାଇଥିବାର ଜଣାଯାଇଛି । ସେହିପରି ଶାଳଗାଁ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ୮/୧୦ ଖଣ୍ଡ ଗ୍ରାମର ବନ୍ୟା ପ୍ରପୀଡିତଙ୍କୁ ରଖା ଯାଇଛି । ସନ୍ଧ୍ୟା ସୁଦ୍ଧା ନାଖରା ପୋଲ ନିକଟରେ ବନ୍ୟା ପାଣି ବିପଦ ସଙ୍କେତ ଅତିକ୍ରମ କରିଯାଇଥିବାର ଜଣାଯାଇଛି । ଏଥିପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ରହିବାକୁ ସୂଚନା ଦିଆଯାଇଛି ।

# ସ୍ୱାମୀର ଛୁରି ମାଡ଼ରେ ସ୍ତ୍ରୀ ଗୁରତର

ବାଲିଆପାଳ, ୧୩/୮ (ନି.ପ୍ର): ସ୍ୱାମୀର ଛୁରି ମାଡ଼ରେ ସ୍ତ୍ରୀ ଗୁରତର। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲିଆପାଳ ଥାନା ଅନ୍ତର୍ଗତ ଦେଉଳା ପଞ୍ଚାୟତ ବିନ୍ଧାଣି ସାହିରେ । ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ ରେ ଭର୍ତ୍ତି, ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ। ସୁଚନା ଅନୁସାରେ ରାମ ମୁର୍ମୁ ନିଶାଗ୍ରସ୍ତ ଅବସ୍ଥାରେ ରହି ସ୍ତ୍ରୀ ଯବା ମୁର୍ମୁଙ୍କୁ ଏକ ଧାରୁଆ ଛୁରୀରେ ପେଟକୁ ଭୁସି ଦେବାରୁ ସ୍ତ୍ରୀ ଙ୍କର ଏଭଳି ଅବସ୍ଥା ହୋଇଛି। ଖବର ପାଇ ଦେଉଳା ସରପଞ୍ଚ ସୋରଜ ପିଳା ପହଞ୍ଚି ବାଲିଆପାଳ ଥାନା କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରାମ ମୁର୍ମୁଙ୍କୁ କାବୁ କରି ଥାନାକୁ ନେଇଛି। ଏହା ସହିତ ଛୁରୀକୁ ମଧ୍ୟ ଜବତ କରାଯାଇଛି। ଏନେଇ ଯବା ମୁର୍ମୁଙ୍କ ଦେଉର ଗଣେଶ ମୁର୍ମୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ମହାପୁରୁଷ ମହମ୍ମଦଙ୍କ ଜନ୍ମ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭଦ୍ରକ, ୧୩/୮ (ନି.ପ୍ର): ଭଦ୍ରକ ସହରରେ ମହାପୁରୁଷ ମହମ୍ମଦଙ୍କ ଜନ୍ମ ବାର୍ଷିକ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଆଜି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ସଦଭାବନା ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉତ୍ସବର ସଫଳ ଆୟୋଜନ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଅଗଷ୍ଟ ୧୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଆସନ୍ତା ୨୬ ଅଗଷ୍ଟ ରେ ଶୋଭାଯାତ୍ରା ର ଆୟୋଜନ କରାଯିବ ।ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡି ଆଇ ବି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ



ଚକ୍ରବର୍ତ୍ତୀ,ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ରହିଥିଲେ । ମୁସଲିମ ଜମତ୍ ଓ ହିନ୍ଦୁ ସୁରକ୍ଷା ସମିତି ର ସଭାପତି ଉତ୍ସବ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ ସହ ପ୍ରଶାସନର ସହଯୋଗ କାମନା କରିଥିଲେ। ମହମ୍ମଦଙ୍କ ଜନ୍ମଜୟନ୍ତୀ ଅବସରରେ ସହରର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ଟ୍ରାଫିକ୍ ଓ ଯାତାୟାତ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ଏବଂ ଅଗ୍ନିଶମ ସୁରକ୍ଷା ,ମାଦକ ଦ୍ରବ୍ୟ ବିକ୍ରୟ ଉପରେ ନିୟମିତ ଯାଞ୍ଚ ଓ ଗୋଟିଏ ଦିନ ମାଦକ ଦ୍ରବ୍ୟ ବିକ୍ରୟ କେନ୍ଦ୍ର ବନ୍ଦ ରଖିବା , ଡି ଜେ ର ବ୍ୟବହାର କୁ ରୋକିବା ,ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାରର ନିଷେଧ ଭଳି ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏଥିସହ ଉତ୍ସବ ସମୟରେ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବା, ଜନସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ପ୍ରସ୍ତୁତି ନେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଆୟୋଜକ ଏବଂ ବିଭିନ୍ନ ସଂପୃକ୍ତ ପକ୍ଷଙ୍କୁ ନିଜ ନିଜ ଦାୟିତ୍ୱ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହିତ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

**AFFIDAVIT**

I Prabhati Mukhi, W/o Rakesh Mukhi, Vill. Renupada, P.O. Barada, Dist. Balasore hereby declared that wrongly my name is mentioned in my Aadhar as Prabhat Mukhi. In virtue of the affidavit in the Court of Executive Magistrate, Basta I will be known as Prabhati Mukhi instead of Prabhat Mukhi in every document.

Sd-
Prabhati Mukhi

# ବାଲେଶ୍ୱରରେ 'ହର ଘର ତ୍ରିରଙ୍ଗା' ସ୍କୁଟର ରାଲି

ବାଲେଶ୍ୱର, ୧୩/୮ (ନି.ପ୍ର): ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଲେଶ୍ୱର ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ 'ହର ଘର ତ୍ରିରଙ୍ଗା' ସ୍କୁଟର ରାଲି ଆୟୋଜିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ବାରବାଟୀ ବାଳିକା ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସ୍କୁଟି ଶୋଭାଯାତ୍ରା ବାଲେଶ୍ୱର ନଗର ପରିକ୍ରମା କରି ଗାନ୍ଧୀ ସ୍ମୃତି ଭବନ ନିକଟରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ



ମହିଳା ତ୍ରିରଙ୍ଗା ପତାକା ଧରି ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ନନ୍ଦ ଏବଂ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା ମହିଳା ମୋର୍ଚ୍ଚାର ପଦାଧିକାରୀ, ବିଭିନ୍ନ ମଣ୍ଡଳର ପଦାଧିକାରୀ ଓ ବାଲେଶ୍ୱର ଜିଲ୍ଲାର ବହୁ ସଂଖ୍ୟକ ମହିଳା କର୍ମକର୍ତ୍ତା ଓ ସମର୍ଥକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇବା ସହ ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବାର ବାର୍ତ୍ତା ନେଇ ଏହି ରାଲି ଆୟୋଜିତ ହୋଇଥିଲା।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer : ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility : +2 Science with Biology
(Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida